ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୭ ● ୪ ମାର୍ଚ୍ଚ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-37 ● 4th March 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ନବମ ପାଳି

# ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



ଭୁବନେଶ୍ୱର, ୩/୩
ନ୍ୟୁଜ ବ୍ୟୁରୋ

ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ନବମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ଏହି ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ପ୍ରକୋଷ୍ଠରେ ଆଜିଠୁ ଆରମ୍ଭ ହୋଇଛି ଏକ ସ୍ୱତନ୍ତ୍ର ଅଭିଯାନ । ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ'ରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ପୁରୀ ଜିଲ୍ଲାର ନିମାପଡ଼ାରୁ ଆସିଥିବା ପକ୍ଷାଘାତ ଆକ୍ରାନ୍ତ ହେମନ୍ତ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧା ଜିଲ୍ଲା ନିରାକାରପୁରରୁ ଆସିଥିବା ପକ୍ଷାଘାତ ଆକ୍ରାନ୍ତ ବିଚିତ୍ର ପାଇକରାୟଙ୍କୁ ୧ ଲକ୍ଷ ଟଙ୍କା, ବାଲେଶ୍ୱର ଜିଲ୍ଲା ଭୋଗରାଇରୁ ଆସିଥିବା ବୋନ୍ ମ୍ୟାରୋ କ୍ୟାନସର ପୀଡ଼ିତା ହାଜିରା ବିବିଙ୍କୁ ୩ ଲକ୍ଷ ଟଙ୍କା ଏବଂ କନ୍ଧମାଳ ଜିଲ୍ଲା ଟିକାବାଲିରୁ ଆସିଥିବା କ୍ୟାନସର ପୀଡ଼ିତା ଇନ୍ଦୁ ବେହେରାଙ୍କୁ ୧ ଲକ୍ଷ ଟଙ୍କା ସହିତ ଗଜପତି ଜିଲ୍ଲାରୁ ପୁଅର ଚିକିତ୍ସାରେ ସର୍ବସ୍ୱାନ୍ତ ହୋଇଆସିଥିବା ରଶ୍ମିତା ନାୟକଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ତୁରନ୍ତ ମଞ୍ଜୁର କରିଥିଲେ ।

ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ ।

ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ପ୍ରକୋଷ୍ଠ ଜରିଆରେ ଆମ ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି । ବିଶେଷ କରି ଭିନ୍ନକ୍ଷମ, ବରିଷ୍ଠ ଓ ଜରୁରୀ ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ଦୁଃଖ ଓ ସମସ୍ୟାରେ ଜର୍ଜରିତ ବ୍ୟକ୍ତିମାନେ ସେମାନଙ୍କ ସମସ୍ୟା ଓ ଅଭିଯୋଗ ନେଇ ଏଠାକୁ ଆସୁଛନ୍ତି । ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗ ଓ କର୍ତ୍ତୃପକ୍ଷଙ୍କ ନିକଟକୁ ଏହାର ସମାଧାନ ପାଇଁ ଅଭିଯୋଗପତ୍ର ପ୍ରେରଣ କରାଯାଉଛି।

ଏହି କାର୍ଯ୍ୟକ୍ରମରେ (ପୃଷ୍ଠା ୭ରେ)

# ଆର୍ଥିକ ସଚେତନ ହେଉଛନ୍ତି ମହିଳା : ନୀତି ଆୟୋଗ ରିପୋର୍ଟ




ନୂଆଦିଲ୍ଲୀ, ୩/୩

ପୂର୍ବ ବର୍ଷ ତୁଳନାରେ ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା ୪୨% ବୃଦ୍ଧି ପାଇଛି। ସୋମବାର ନୂଆଦିଲ୍ଲୀରେ ନୀତି ଆୟୋଗ ଦ୍ୱାରା ଉନ୍ମୋଚନ କରାଯାଇଥିବା 'ଫ୍ରମ୍ ବରୋୟର୍ସ ଟୁ ବିଲ୍ଡର୍ସ : ୱେମେନ୍ସ ରୋଲ୍ ଇନ୍ ଇଣ୍ଡିଆସ୍ ଫାଇନାନ୍ସିଆଲ୍ ଗ୍ରୋଥ ଷ୍ଟୋରୀ' ଶୀର୍ଷକ ଏକ ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଡିସେମ୍ବର ସୁଦ୍ଧା ପ୍ରାୟ ୨୭ ନିୟୁତ ମହିଳା ସେମାନଙ୍କ ଆର୍ଥିକ କାରବାର ଉପରେ ନଜର ରଖିଥିଲେ। ଏହି ରିପୋର୍ଟକୁ ଉନ୍ମୋଚନ କରି ନୀତି ଆୟୋଗର ମୁଖ୍ୟ ପରିଚାଳନା ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାରେ ଆର୍ଥିକ ସହାୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।

ରିପୋର୍ଟରୁ ଜଣାପଡିଛି ଯେ ଗତ ବର୍ଷ ଡିସେମ୍ବରରେ ସମୁଦାୟ ସ୍ୱ-ନିରୀକ୍ଷଣ କ୍ଷେତ୍ରରେ ମହିଳାଙ୍କ ଅଂଶ ୧୯.୪୩%କୁ ବୃଦ୍ଧି ପାଇଛି, ଯାହା ୨୦୨୩ରେ ୧୭.୮୯% ଥିଲା। ଏଥିରେ କୁହାଯାଇଛି ଯେ ଅଣ-ମେଟ୍ରୋ ଅଞ୍ଚଳର ଅଧିକ ମହିଳା ମେଟ୍ରୋ ଅଞ୍ଚଳ ତୁଳନାରେ (ପୃଷ୍ଠା ୭ରେ)

## ୩୭ ଡିଗ୍ରୀ ଉପରେ ୧୦ ସହର
## ବୌଦ୍ଧରେ ସର୍ବାଧିକ ୩୮.୨ ଡିଗ୍ରୀ

ଭୁବନେଶ୍ୱର, ୩/୩
ନ୍ୟୁଜ ବ୍ୟୁରୋ

ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଭୁବନେଶ୍ୱର ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଦିନ ତାପମାତ୍ରା ବୃଦ୍ଧି ପାଇଛି। ବୌଦ୍ଧ ଓ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ଅତିକ୍ରମ କରିଛି। ବୌଦ୍ଧରେ ୩୮.୨ ଡିଗ୍ରୀ ପାରଦ ରେକର୍ଡ ହୋଇଛି, ଯାହାକି ଏହାକୁ ରାଜ୍ୟର ସବୁଠୁ ଉତ୍ତପ୍ତ ସହର କରିଛି। ବଲାଙ୍ଗୀରରେ ତାପମାତ୍ରା ୩୮.୧ ଡିଗ୍ରୀ ରହିଛି। ରାଜଧାନୀର ତାପମାତ୍ରା ୩୬.୧ଡିଗ୍ରୀ ରହିଛି। ସେହିପରି ଚାନ୍ଦବାଲିରେ ଦିନ ତାପମାତ୍ରା ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ୩୫.୪ଡିଗ୍ରୀ ରେକର୍ଡ ହୋଇଛି। ଏହି ସମୟରେ ଦିନ ତାପମାତ୍ରା ୩୪.୮ଡିଗ୍ରୀ ରେକର୍ଡ ହୋଇଥିଲା। ୧୦ସହରରେ ସର୍ବାଧିକ ତାପମାତ୍ରା ୩୭ଡିଗ୍ରୀ ରେକର୍ଡ ହୋଇଛି। ଅନୁଗୋଳ ୩୭.୯, ଟିଟିଲାଗଡ଼ ୩୭.୬, ଭଦ୍ରକ ଓ ଝାରସୁଗୁଡ଼ା ୩୭.୫, ଯାଜପୁର ୩୭.୨, ବାରିପଦା, ସୁବର୍ଣ୍ଣପୁର ଏବଂ ଭବାନୀପାଟଣାରେ ତାପମାତ୍ରା ୩୭ଡିଗ୍ରୀ ଲେଖାଏଁ ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ, ମଙ୍ଗଳବାର ଠାରୁ ୫ଦିନ ପର୍ଯ୍ୟନ୍ତ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ (ପୃଷ୍ଠା ୭ରେ)

# ସମାନ ଭୋଟର କାର୍ଡ ନମ୍ବର ଥିଲେ ମତଦାତା ନକଲି ନୁହେଁ : ଇସିଆଇ




ନୂଆଦିଲ୍ଲୀ, ୩/୩

ଭୋଟର ଫଟୋ ପରିଚୟ ପତ୍ର (ଇପିଆଇସି) ନମ୍ବରର ଜାଲିଆତି ବା ଏକାଧିକ ବ୍ୟବହାର ନକଲି ମତଦାତାକୁ ସୂଚିତ କରି ନଥାଏ ବୋଲି ଭାରତର ନିର୍ବାଚନ ଆୟୋଗ (ଇସିଆଇ) ସ୍ପଷ୍ଟ କରିଛନ୍ତି। ଏକାଧିକ ମତଦାତା ବା ଭୋଟରଙ୍କ ଇପିଆଇସିରେ ସମାନ ନମ୍ବର ରହିଥିବାରୁ ସେମାନଙ୍କୁ ନକଲି ଭୋଟର ବୋଲି କୁହାଯାଉଥିବାବେଳେ ଇସିଆଇ ଏହାକୁ ଖଣ୍ଡନ କରିଛନ୍ତି। ଇସିଆଇ କହିଛନ୍ତି ଯେ ଇପିଆଇସି ନମ୍ବରକୁ ନକଲି କରାଯିବା ଦ୍ୱାରା ଭୋଟର ଜଣଙ୍କ ନକଲି ହୋଇ ନଥାଏ। ଇପିଆଇସି ନମ୍ବର ସମାନ ରହିଥିବାବେଳେ ସେଥିରେ ଥିବା ଅନ୍ୟ ସବୁ ତଥ୍ୟ ଯେପରିକି ଡେମୋଗ୍ରାଫିକ୍ ତଥ୍ୟ, ବିଧାନସଭା ନିର୍ବାଚନ ମଣ୍ଡଳୀ, ମତଦାନ କେନ୍ଦ୍ର ଆଦି ଅଲଗା ରହିଥାଏ। ତେଣୁ ଏହିସବୁ ତଥ୍ୟ ଅସମାନ ଥିବା କାରଣରୁ ଭୋଟର ନକଲି ନୁହନ୍ତି। ସମାନ ପ୍ରକାର ଇପିଆଇସି ନମ୍ବର ଏକାଧିକ ଭୋଟରଙ୍କୁ ଦିଆଯାଇଥାଏ। ଡିସେଣ୍ଟ୍ରାଲାଇଜ୍ଡ ଆଣ୍ଡ ମାନୁଆଲ ମେକାନିଜିମ୍ କାରଣରୁ ସମାନ ପ୍ରକାର ଇପିଆଇସି ନମ୍ବର ପ୍ରଦାନ କରାଯାଉଛି। ଇପିଆଇସି ନମ୍ବର ସମାନ ରହିବା ସତ୍ତ୍ୱେ ଜଣେ ଭୋଟର ନିଜର ନିର୍ଦ୍ଧାରିତ ମତଦାନ କେନ୍ଦ୍ରରେ ଭୋଟ ଦେଇପାରିବେ। କେତେକ ରାଜ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏକାଧିକ ଭୋଟରଙ୍କୁ ସମାନ ପ୍ରକାର ଇପିଆଇସି ନମ୍ବର ପ୍ରଦାନ କରିବାକୁ ନେଇ ବିବାଦ ଦେଖାଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସମୟରେ ଏକାଧିକ ଭୋଟରଙ୍କୁ ସମାନ ପ୍ରକାର ଇପିଆଇସି ନମ୍ବର ପ୍ରଦାନ କରାଯାଇଥିବାରୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହା ଉପରେ ଆପତ୍ତି ଉଠାଇଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ ମହାରାଷ୍ଟ୍ରରେ ନିର୍ବାଚନ ପୂର୍ବରୁ ୫ମାସରେ (ପୃଷ୍ଠା ୭ରେ)

# ରଥଯାତ୍ରା ପାଇଁ ପ୍ରସ୍ତୁତ ହେବ ଆପ୍



ପୁରୀ, ୩ /୩
ନ୍ୟୁଜ ବ୍ୟୁରୋ

ଆଗାମୀ ଜୁନ୍ ୨୭ ତାରିଖରେ ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ସୋମବାର ଅନୁଷ୍ଠିତ ପ୍ରଥମ ରଥଯାତ୍ରା ସମନ୍ୱୟ କମିଟିର ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା।

ବୈଠକ ଶେଷରେ ଦିଆଯାଇଥିବା ସୂଚନା ଅନୁସାରେ ଆଗାମୀ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ କରାଯିବ। ଏହି ଆପ୍‌ରେ ସମସ୍ତ ବିଭାଗର ତଥ୍ୟ ରହିବ। ଏଥିପାଇଁ ୧୫ଦିନ ମଧ୍ୟରେ ତଥ୍ୟ ଦେବାକୁ ସବୁ ବିଭାଗକୁ ପରାମର୍ଶ ଦିଆଯାଇଛି। ସାଧାରଣ ଭକ୍ତମାନେ ଏହି ଆପ୍‌ରୁ ସମସ୍ତ ତଥ୍ୟ ପାଇପାରିବେ। ରଥଯାତ୍ରା ସମୟରେ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଏଆଇ କ୍ୟାମେରା ନିୟୋଜିତ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ବିଗତ ବର୍ଷର ରଥଯାତ୍ରାର ଅଭିଜ୍ଞତାକୁ ଉପଯୋଗ କରି ଚଳିତ ବର୍ଷ ସମସ୍ତ କାର୍ଯ୍ୟକୁ ସମ୍ମିଳିତ ଉଦ୍ୟମରେ ସଫଳ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ (ପୃଷ୍ଠା ୭ରେ)

# ଖରାଦିନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିତରଣ କମ୍ପାନୀକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୩/୩
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଲୋକସଭାଭବନଠାରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏବଂ ପି.ଏମ୍. ସୂର୍ଯ୍ୟଘର ଯୋଜନାରେ ରାଜ୍ୟରେ ଅଧିକ ଲୋକଙ୍କୁ ସାମିଲ୍ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଶକ୍ତି ବିଭାଗର ବଜେଟ୍ ଖର୍ଚ୍ଚ ଅତିକମରେ ୮୫ ପ୍ରତିଶତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖରାଦିନେ ସାଧାରଣତଃ ଓଭରଲୋଡିଂ ସମସ୍ୟା ଯୋଗୁଁ ବିଦ୍ୟୁତ୍ କାଟ ହୋଇଥାଏ । ଏହାକୁ ପ୍ରତିହତ କରିବା ପାଇଁ ଫିଡର ଓ ଟ୍ରାନ୍ସଫରମର ଗୁଡ଼ିକୁ ଅପଗ୍ରେଡ୍ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟାକ୍‌ଅପ୍ ବ୍ୟବସ୍ଥା ରଖିବା ପାଇଁ ମଧ୍ୟ ସେ କହିଥିଲେ । ପିକ୍ ଆୱାର'ର ଚାହିଦାକୁ ମେଣ୍ଟାଇବା ପାଇଁ ବିଭିନ୍ନ (ପୃଷ୍ଠା ୭ରେ)

# ଆଇଆରସିଟିସି ଓ ଆଇଆରଏଫସିକୁ 'ନବରତ୍ନ' ମାନ୍ୟତା




ନୂଆଦିଲ୍ଲୀ, ୩/୩

କେନ୍ଦ୍ର ସରକାର ସୋମବାର ରେଲୱେର ଦୁଇଟି ପବ୍ଲିକ ସେକ୍ଟରର କମ୍ପାନୀ, ଇଣ୍ଡିଆନ ରେଲୱେ କ୍ୟାଟରିଂ ଓ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଏବଂ ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେସନ (ଆଇଆରଏଫସି) କୁ 'ନବରତ୍ନ' ମାନ୍ୟତା ପ୍ରଦାନ କରିଛନ୍ତି। ଏହାସହ ଆଇଆରସିଟିସି (ପୃଷ୍ଠା ୭ରେ)

## କୌଶିକ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଏସଡି

ଭୁବନେଶ୍ୱର, ୩/୩
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଓଏସଡି ହେଲେ କୌଶିକ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଏଏସ୍ ଅଫିସର କୌଶିକ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ପୂର୍ବରୁ କେନ୍ଦୁଝର ବାଂଶପାଳ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ କୌଶିକ। ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଭାବେ ଦାୟିତ୍ୱ ତୁଲାଇବେ ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ




ନ୍ୟୁଜିଲାଣ୍ଡ ହାରିବା ପରେ
ଏବେ କଙ୍ଗାରୁଙ୍କ ପାଳି
ବିଶ୍ୱକପ ପ୍ରତିଶୋଧଟା
ନେଇଯାଅ ବେଳା ବେଳି
କଙ୍ଗାରୁକୁ କଳିଛେଳି
ବାଘ ଭଳି ମାଡି ବସିକି
ଗୋଟା ପଣେ ଦିଅ ଗିଳି !

# ବିଶ୍ୱର ଦଶଟି ବାହ୍ୟ ଋଣଗ୍ରସ୍ତ ଦେଶ ତାଲିକାରେ ଭାରତ ନାହିଁ

ନୂଆଦିଲ୍ଲୀ, ୦୩/୦୩

ସବୁଠାରୁ ଖୁସି ଏବଂ ଆଶ୍ୱାସନାର ବିଷୟ ଆମ ଦେଶ ଭାରତ ବିଶ୍ୱର ଦଶଟି ବାହ୍ୟ ଋଣଗ୍ରସ୍ତ ଦେଶ ତାଲିକାରେ ନାହିଁ । ତେବେ ଅସମ୍ଭବ ଲାଗୁଥିଲେ ମଧ୍ୟ ଏହା ସତ ଯେ ପୃଥିବୀରେ ସବୁଠାରୁ ଧନୀ ଦେଶର ମାନ୍ୟତା ପାଇଥିବା ଆମେରିକା ଏବେ ପୃଥିବୀର ସବୁଠାରୁ ଅଧିକ ବାହ୍ୟ ଋଣଗ୍ରସ୍ତ ଦେଶ ପାଲଟିଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ତାଙ୍କ ଦେଶକୁ ପୁଣି ଥରେ ମହାନ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଗୋଟିଏ ପରେ ଗୋଟିଏ ଅନେକ ବଡ଼ ନିଷ୍ପତ୍ତି ନେଉଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଏବେ ବିଶ୍ୱର ଅନେକ ଦେଶର ନିଦ ହଜାଇ ଦେଇଛି। କିନ୍ତୁ ଟ୍ରମ୍ପ ଏ ପର୍ଯ୍ୟନ୍ତ ଦେଶର ବୃଦ୍ଧି ପାଉଥିବା ଋଣକୁ ରୋକିବାରେ ବିଫଳ ହୋଇଛନ୍ତି। ଜାନୁଆରୀରେ, ଆମେରିକାର ନେଟ୍ ସୁଧ ଦେୟ ସଂଘୀୟ ସରକାରଙ୍କ ମୋଟ ରାଜସ୍ୱର ୧୮.୭ ପ୍ରତିଶତରେ ପହଞ୍ଚିଛି, ଯାହା ୧୯୯୦ ଦଶକ ପରେ ସର୍ବାଧିକ। ଏହା ୧୯୯୨ ମସିହାରେ ୧୮.୯ ପ୍ରତିଶତର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ଏବଂ ଜାନୁଆରୀରେ ଏହାଠାରୁ ମାତ୍ର ୨୦ ବେସିସ୍ ପଏଣ୍ଟ କମ୍ ଥିଲା। ଅର୍ଥାତ୍, ଏହା ୨୩ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ଥିଲା। ସୁଧ ମୂଲ୍ୟ ବୃଦ୍ଧି ଯୋଗୁଁ, ଗତ ୧୮ ମାସ ମଧ୍ୟରେ ଆମେରିକାର ନେଟ ସୁଧ ଦେୟ ଦ୍ୱିଗୁଣିତ ହୋଇଛି। ଗତ ୧୨ ମାସ ମଧ୍ୟରେ ଆମେରିକାର ସୁଧ ଦେୟ ୧.୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଆଶ୍ଚର୍ଯ୍ୟର କଥା ହେଉଛି ଏହା ଏବେ ସଂଘୀୟ ସରକାରଙ୍କ ସାମାଜିକ ସୁରକ୍ଷା ବଜେଟ୍ ଏହାଠାରୁ ଅଧିକ। ଏହାର ଅର୍ଥ ହେଉଛି ଯେ ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ଅପେକ୍ଷା ଋଣ ଉପରେ ସୁଧ ଦେବା ପାଇଁ ଆମେରିକାକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ବିଶ୍ୱାସ କରାଯାଉଛି ଯେ ଯଦି ପରିସ୍ଥିତି ସମାନ ରୁହେ ଏବଂ ଆମେରିକା ମାନ୍ଦାବସ୍ଥାର ସମ୍ମୁଖୀନ ନ ହୁଏ, ତେବେ ୨୦୫୪ ସୁଦ୍ଧା ଆମେରିକାର ନିଟ୍ ସୁଧ ପରିଶୋଧ ସଂଘୀୟ ରାଜସ୍ୱର ୩୪ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରିବ। ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଆମେରିକାର ଋଣ ୨୬.୫ ଟ୍ରିଲିୟନ ଡଲାର ଅତିକ୍ରମ କରିଛି, ଯାହା ଦେଶର ମୋଟ ଘରୋଇ ଉତ୍ପାଦର ଏହା ପ୍ରାୟ ୧୨୫ ପ୍ରତିଶତ । ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକାର ଋଣ ଗତ ୨୪ ବର୍ଷ ମଧ୍ୟରେ ୬ ଗୁଣ ବୃଦ୍ଧି ପାଇଛି । ୨୦୦୦ ମସିହାରେ ଆମେରିକାର ଋଣ ପରିମାଣ ୫.୭ ଟ୍ରିଲିୟନ ଡଲାର ଥିଲା ଯାହା ଏବେ ୨୬.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ୨୦୧୦ ମସିହାରେ ଏହା ୧୨.୩ ଟ୍ରିଲିୟନ ଡଲାର ଥିଲା ଏବଂ ୨୦୨୦ ମସିହାରେ ଏହା ୨୩.୨ ଟ୍ରିଲିୟନ ଡଲାର ରହିଥିଲା। ଆମେରିକୀୟ କଂଗ୍ରେସ ବଜେଟ୍ ଡକ୍ୟୁମେଣ୍ଟ ଅନୁଯାୟୀ, ଆଗାମୀ ଦଶନ୍ଧି ମଧ୍ୟରେ ଦେଶର ଋଣ ୫୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଆମେରିକାକୁ ସୁଧ (ପୃଷ୍ଠା ୭ରେ)

# ଏପ୍ରିଲ ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର,୩।୩
ନ୍ୟୁଜ ବ୍ୟୁରୋ

ଏଣିକି ମାର୍ଚ୍ଚ ୫ ତାରିଖ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳନ ହେବନି ପଞ୍ଚାୟତିରାଜ ଦିବସ। ଏପ୍ରିଲ ୨୪ ତାରିଖରେ ପାଳନ ହେବ ପଞ୍ଚାୟତିରାଜ ଦିବସ। ଲୋକସେବା ଦିବସ ମଧ୍ୟ ଏହି ଦିନ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ୨୦୨୦ ମସିହାରୁ ଓଡ଼ିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଅଛି। ତେବେ ପ୍ରତି ବର୍ଷ ଅପ୍ରେଲ ୨୪ ତାରିଖକୁ ଜାତୀୟ ପଞ୍ଚାୟିତରାଜ ଦିବସ ରୂପେ ପାଳନ କରାଯାଏ। ଏହି ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ କରାଯାଇଥାଏ। ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟ ସ୍ତରରେ ଥିବା ଏହି ଅସଂହତି ଦୂର କରିବା ପାଇଁ ଓଡିଶାରେ ମାର୍ଚ୍ଚ ୫ ତାରିଖକୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାନଯାଇ ଅପ୍ରେଲ ୨୪ ତାରିଖରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଦିବସ ମଧ୍ୟ ଅପ୍ରେଲ ୨୪ ତାରିଖରେ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମାର୍ଚ୍ଚ ୫ ତାରିଖ ହେଉଛି ଓଡିଶାର ମହାନ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହାକୁ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତେବେ ଏହି ଦିବସକୁ ସରକାରୀ ଛୁଟି ଭାବେ ପାଳନ କରାଯିବ ନାହିଁ।

# ଏମିତି ଚାଲିଛି କ୍ୟାପିଟାଲ ହସ୍ପିଟାଲ : ବେଡ୍‌କୁ ମିଳୁନି ବେଡ୍‌ସିଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଗାଇଡ୍‌ଲାଇନ୍ କହୁଛି, ରୋଗୀଙ୍କ ବେଡ୍ ପାଇଁ ସାତଦିନରେ ସାତରଙ୍ଗର ସଫା ବେଡ୍‌ସିଟ୍ ଦିଆଯିବ । ସାତଦିନରେ ସାତଟି ଦୂରେ ଥାଉ, ଖଣ୍ଡେ ବେଡସିଟ୍ ମିଳିବା ବି କଷ୍ଟ । କ୍ୟାପିଟାଲ ହସ୍ପିଟାଲରେ ସୃଷ୍ଟି ହୋଇଛି ଏମିତି ସ୍ଥିତି। କେତେବେଳେ କୁହାଯାଉଛି ଦୂରରେ ସଫା ହେଉଛି ସେଥିପାଇଁ ଏମିତି ହେଉଛି, ତ ଆଉ କେତେବେଳେ କୁହାଯାଉଛି ପର୍ଯ୍ୟାପ୍ତ ବେଡସିଟ୍ ନାହିଁ। ଆଉ କିଏ କହୁଛି ରୋଗୀ ବେଡସିଟ୍ ଚିରି ପକାଉଥିବାରୁ ବେଡସିଟ୍ ମିଳୁନି। ବେଡସିଟ୍ ମିଳୁନଥିବାରୁ ରୋଗୀ ବାଧ ହୋଇ ଘରୁ ବେଡସିଟ୍ ଆଣି ଶୋଉଛି। ୨୦୧୮ରେ ରାଜ୍ୟ ସରକାର ଆଣିଥିଲେ ନିର୍ମଳ ଯୋଜନା। ଏହି ଯୋଜନା ଅନ୍ତର୍ଗତ ରୋଗୀଙ୍କ ବେଡ୍‌କୁ ସଫା ବେଡସିଟ୍ ଯୋଗାଇଦିଆଯିବ । ସାତ ଦିନରେ ଲାଲ, କମଳା, ନୀଳ, ଧୂସର, ସବୁଜ, ହଳଦିଆ, ବାଇଗଣୀ ରଙ୍ଗର ବେଡ୍‌ସିଟ ପକାଇବା କଥା । ହେଲେ ହସ୍ପିଟାଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବେଡ୍‌କୁ ସଫା ବେଡ୍‌ସିଟ୍ ମିଳୁନି । ଏପରିକି ବେଡସିଟ୍ ପାଇଁ ବିଭିନ୍ନ ସମୟରେ ରୋଗୀ ସଂପର୍କୀୟ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ହେଉଛି । ବଡକଥା ହେଉଛି, ହସ୍ପିଟାଲ ପରିସରରେ ନୂତନ ଲଣ୍ଡ୍ରି ସେଣ୍ଟର(ଧୋବି କେନ୍ଦ୍ର) କାମ ଏପର୍ଯ୍ୟନ୍ତ ସରିନି । ପୁରୁଣା ଘରେ ଏବେବି ବେଡସିଟ୍ ସହ ଡାକ୍ତର ଓ ନର୍ସିଂଷ୍ଟାଫ୍‌ଙ୍କ ପୋଷାକ ସଫା ହେଉଛି। ଧୀରେଧୀରେ ହସ୍ପିଟାଲରେ ରୋଗୀଶଯ୍ୟା ଓ କର୍ମଚାରୀଙ୍କ ସଂଖ୍ୟା ବଢୁଥିବାରୁ ଛୋଟିଆ ଘରେ ସଫା କରିବା ଅସମ୍ଭବ ହୋଇପଡୁଛି । ଅଧିକ ସଂଖ୍ୟକ କପଡା ସଫେଇ ହୋଇପାରୁନଥିବାରୁ ସଫେଇ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର ପାହାଲରେ ଥିବା ଏକ ସେଣ୍ଟରକୁ କପଡ଼ା ଯାଉଛି । ଦୈନିକ ୧୫୦୦ରୁ ଅଧିକ ବେଡ୍‌ସିଟ୍ ପାହାଲ ପଳାଉଛି । ତେଣୁ ସେଠାରୁ କପଡ଼ା ଆସିବାରେ ୫ରୁ ୬ଦିନ ଲାଗିଯାଉଛି। ବେଡସିଟ୍ ଷ୍ଟକ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ହସ୍ପିଟାଲରେ ଥିବା ବିଭିନ୍ନ ରୋଗୀ ୱାର୍ଡ, ଶିଶୁ ବିଭାଗ, ପ୍ରସୂତି ବିଭାଗ ଓ ଅନ୍ୟ ଆଇପିଡି(ଅନ୍ତର୍ବିଭାଗ)ରେ ଶଯ୍ୟା ସଂଖ୍ୟା ମିଶାଇଲେ ୭୫୦ ହେବ । ଆଗକୁ ଆହୁରି ଶଯ୍ୟା ସଂଖ୍ୟା ବଢ଼ିବ। ମାତ୍ର ପ୍ରତିଦିନ ରଙ୍ଗୀନ ବେଡ୍‌ସିଟ୍ ଯୋଗାଇବାରେ ଉକ୍ତ ସଂସ୍ଥା ଅସମର୍ଥ ହୋଇପଡିଛି । ଉକ୍ତ ସଂସ୍ଥାର ଏଥିରେ ବ୍ୟତିକ୍ରମ ରହୁଥିବାର ଅଭିଯୋଗ ହେଉଥିଲେ ହେଁ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ତାଗିଦ୍ କରୁନାହାନ୍ତି । କେବଳ ସେତିକିନୁହେଁ, ସଫେଇ ପାଇଁ ଏଠାରେ ଥିବା ଦୁଇଟି ସଫା ମେସିନ, ଗୋଟିଏ ଡ୍ରାଏର(ଶୁଖାଇବା ମେସିନ୍) ଓ ଗୋଟିଏ ଆଇରନ୍ ମେସିନ୍ ଅଚଳ ରହିଛି । ହେଲେ ଅଧିକାଂଶ ସମୟରେ ଡ୍ରାଏର ଓ ପ୍ରେସ୍ ମେସିନ୍ ଅଚଳ ପଡୁଛି। ଯାହା ମରାମତି ମଧ ହେଉନି। ତେଣୁ କେବେ ନୂଆ ଲଣ୍ଡ୍ରି ସେଣ୍ଟର କାମ ସରିବ ତାକୁ ଅପେକ୍ଷା ରହିଛି। ଲଣ୍ଡ୍ରି ସେଣ୍ଟରର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି, ସପ୍ତରଙ୍ଗୀ ବେଡସିଟ୍ ଯୋଗାଇ ଦିଆଯାଉଛି । ଏବେ ସେଣ୍ଟରରେ ଗୋଟିଏ ସଫା ମେସିନ୍ ରହିଛି । ଯେଉଁଥିରେ କେବଳ ଡାକ୍ତର ଓ ଓଟି(ଅପରେସନ ଥିଏଟର)ରେ ବ୍ୟବହୃତ କପଡ଼ା ସଫା ହେଉଛି । ଅନ୍ୟ ବେଡସିଟ୍ ପାହାଲ ଯାଉଛି । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା କଥା, ଲଣ୍ଡ୍ରି କୋଠାର ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗର ଅଧୀନରେ ରହିଛି । ଟ୍ରମାକେୟାର ସହ ଏହି କୋଠାର ମଧ ଉଦଘାଟନ କରାଯିବ । ଲଣ୍ଡ୍ରି ସେଣ୍ଟର ହେବାପରେ ଏହି ସମସ୍ୟା ଦୂର ହେବ।

# ବନ ବିଭାଗର ଆରଏସିପି ଅଦାଲତର ଦ୍ୱିତୀୟ ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଆରଏସିପି ଅଦାଲତର ଦ୍ୱିତୀୟ ଦିବସ ଥିଲା । ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଶ୍ରୀ ଧରମ ହାଂସଦା, ଅତିରିକ୍ତ ସଚିବ ଶ୍ରୀମତୀ ଉଷାରାଣୀ ଦାସ, ଆର୍ଥିକ ପରାମର୍ଶଦାତା ଶ୍ରୀମତୀ କଲ୍ୟାଣୀ ମାଲ୍ଲି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ମଲ୍ଲିକ ଅଦାଲତ କମିଟିର ସଦସ୍ୟ/ସଦସ୍ୟା ଭାବରେ ଏବଂ କମିଟିର ସଦସ୍ୟ-ସଂଯୋଜକ ଭାବରେ ଯୁଗ୍ମ ସଚିବ ଦିନକୃଷ୍ଣ କର ଏହି ଅଦାଲତରେ ଉପସ୍ଥିତ ଥିଲେ। ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ଏବଂ ଅତିରିକ୍ତ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ ପ୍ରକାଶ କରିଥିଲେ ଯେ ଏହି ଆରଏସିପି ଅଦାଲତ କମିଟି ବୈଠକ ମାନ୍ୟବର ଓଡ଼ିଶା ହାଇକୋର୍ଟ ଏବଂ ମୁଖ୍ୟ ସଚିବ, ଓଡ଼ିଶାର ନିର୍ଦ୍ଦେଶରେ ଆହୂତ ହୋଇଛି । ଆଜି ଆରଏସିପି ଅଦାଲତ କମିଟିର ଦ୍ୱିତୀୟ ଦିନ। ଏହି ଅଦାଲତ ଏକ ବଡ଼ ସଫଳତା ଥିଲା କାରଣ ଆରଏସିପିରୁ ବଂଚିତ ବନ ବିଭାଗର ସମସ୍ତ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଏହି ଅଦାଲତରେ ଆବେଦନ ଦାଖଲ କରିବାକୁ ରାଜ୍ୟର ଦୂରଦୂରାନ୍ତରୁ ଆସିଥିଲେ । ଏହି ଅଦାଲତର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବହୁ ସଂଖ୍ୟକ ଆବେଦନରୁ ସ୍ପଷ୍ଟ ହୋଇଛି । ଆରଏସିପି ଅଦାଲତର ଦ୍ୱିତୀୟ ଦିନରେ ପ୍ରାୟ ସମସ୍ତ ସର୍କଲର କର୍ମଚାରୀମାନେ ଆସିଛନ୍ତି । ସହାୟକ ଡକ୍ୟୁମେଂଟଗୁଡ଼ିକର ଉପଯୁକ୍ତ ଯାଂଚ ପରେ ଆଗାମୀ ମାସ ମଧ୍ୟରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ। ଉଲ୍ଲେଖନୀୟ ଯେ ଆରଏସିପି ଅଦାଲତର ଏହି ଦ୍ୱିତୀୟ ଦିନରେ ମୋଟ ୨୫୬ଟି ଆବେଦନ ଗ୍ରହଣ କରାଯାଇଥିଲା ଏବଂ କୋରାପୁଟ, ସମ୍ବଲପୁର, ରାଉରକେଲା, ମୁଖ୍ୟ ବନ ସଂରକ୍ଷକ, ତାଲିମ ଏବଂ ବିକାଶ, କଟକ ଏବଂ ନନ୍ଦନକାନନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରୁ କର୍ମଚାରୀମାନେ ଆରଏସିପି ଅଦାଲତରେ ଯୋଗ ଦେଇଥିଲେ। ଆରଏସିପି ଅଦାଲତର ଅଧ୍ୟକ୍ଷ ଶ୍ରୀ ଦେବେନ କୁମାର ପ୍ରଧାନ ଗୋଟିଏ ମାସର ସମୟ ସୀମା ପ୍ରଦାନ କରିଥିଲେ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏକ ମାସ ମଧ୍ୟରେ ଆବେଦନଗୁଡ଼ିକର ଯାଂଚ ଏବଂ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଜାତୀୟ ରାଜପଥ ନିର୍ମାଣରେ ପ୍ରଦୂଷଣ ନିୟମକୁ ଫୁ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଗୌଡ଼ପାଲି ଠାରୁ ଜମନକିରା ବାବେଝୁରି ପର୍ଯ୍ୟନ୍ତ ଚାଲୁଛି। ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାଜପଥ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ଅତି ଖାମଖିଆଲି ଭାବେ ନିର୍ମାଣ କାର୍ଯ୍ୟ କରୁଥିବା ଯୋଗୁଁ ସଂପୃକ୍ତ ଅଞ୍ଚଳର ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷଣମୟ ହୋଇପଡ଼ିଛି । ଅଭିଯୋଗ ଅନୁଯାୟୀଏହି ରାଜପଥ ନିର୍ମାଣ ବେଳେ ସଂପୃକ୍ତ ଠିକା ସଂସ୍ଥା ଦ୍ୱାରା ସ୍ଥାପିତ କରାଯାଇଥିବା ଅସ୍ଥାୟୀ ପିଚୁ କାରଖାନା ଓ ଏଥିରୁ ନିର୍ଗତ ଧୂଆଁ ଅଞ୍ଚଳରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି ।

# ଜାତୀୟ ସ୍ତରରେ ଭୀମମଣ୍ଡଳୀର ପୁରାତନ ଐତିହ୍ୟ ଗାଥା ଲୋକଲୋଚନକୁ ଅଣାଯିବ : କେନ୍ଦ୍ରମନ୍ତ୍ରୀ

**ନାକଟିଦେଉଳ, ନ୍ୟୁଜ ବ୍ୟୁରୋ**

ଜାତୀୟ ସ୍ତରରେ ଭୀମମଣ୍ଡଳୀର ପୁରାତନ ଐତିହ୍ୟ ଗାଥାକୁ ଲୋକଲୋଚନକୁ ଅଣାଯିବ । ଏ ସମ୍ପର୍କରେ ଜାତୀୟ ସ୍ତରର କର୍ମଶାଳା ଆୟୋଜନ କରାଯିବା ସହ ଉଚ୍ଚସ୍ତରୀୟ ଗବେଷଣା କରାଯିବ। ମଙ୍ଗଳବାର ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଚମ୍ପାଳୀ ନଦୀ ନିକଟରେ ଐତିହାସିକ ଭୀମମଣ୍ଡଳୀ ସ୍ଥାନ ପରିଦର୍ଶନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ଥାନୀୟ ଅଧିବାସୀ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ପାହାଡିଆ ଏବଂ ପଥୁରିଆ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଭୀମମଣ୍ଡଳୀରେ ଥିବା ପ୍ରସ୍ତର ଯୁଗର ଗୁମ୍ଫା ଓ ଶିଳାଲେଖ ଦେଖିଥିଲେ । ସ୍ଥାନୀୟ ଅଧିବାସୀଙ୍କ ସହ ମିଶିବା ସହ କଥା ହୋଇଥିଲେ । ସେହି ଅଞ୍ଚଳରେ ଥିବା ପୀଠ ଓ ମନ୍ଦିର ଦର୍ଶନ କରିବା ସହ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ଅଧିକାରୀଙ୍କ ସହ ଏହି ଐତିହାସିକ ସ୍ଥାନର ଉତ୍ପତ୍ତି, ଐତିହ୍ୟ, ଇତିହାସ ଓ ମାନବ ସଭ୍ୟତାର ପ୍ରାମାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ



ଭୀମମଣ୍ଡଳୀରେ ୧୦୦ରୁ ଅଧିକ ଗୁମ୍ଫା ରହିଛି, ଯେଉଁଥିରେ ମାନବ ସଭ୍ୟତାର ପ୍ରମାଣ ମିଳିଛି । ଏଠାରେ ପାଖାପାଖି ୩୦,୦୦୦ ବର୍ଷ ପୂର୍ବରୁ ମାନବସଭ୍ୟତା ଗଢି ଉଠିଥିଲା ବୋଲି ବିଭିନ୍ନ ପ୍ରାମାଣିକ ତଥ୍ୟରୁ ଐତିହାସିକକାରମାନେ ମତ ଦେଇଛନ୍ତି, ଯାହା ସମଗ୍ର ବିଶ୍ୱରେ ବିରଳ । ଭୀମମଣ୍ଡଳୀରେ ବହୁତ ପ୍ରାଚୀନ ପାହାଡ଼, ଗୁମ୍ଫାମାନ ସବୁ ଅଛି । ଏହାର ପ୍ରତ୍ନତାତ୍ତ୍ୱିକ ବୟସ ପ୍ରାୟ ପ୍ରସ୍ତର ଯୁଗ ସମୟର ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ତଥ୍ୟରୁ ଜଣାପଡିଛି । ପାହାଡ଼ ଗୁମ୍ଫାରେ ବିଭିନ୍ନ ପ୍ରାଚୀନ ଶିଳାଲେଖ ସହ ହରିଣ, ହାତୀ ଏବଂ ବିଭିନ୍ନ ସାଙ୍କେତିକ ଭାଷାର ଚିତ୍ର ଅଙ୍କାଯାଇଛି । ଭିନ୍ନ ଭିନ୍ନ ରଙ୍ଗରେ ପୁରାତନ ସମୟର ଅନେକ ଉପକରଣ ଏଠାରେ ଖୋଦିତ ହୋଇଛି, ଯାହା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ । ଏହି ସ୍ଥାନ ପ୍ରମାଣିତ କରୁଛି ଯେ, ଆମ ସଭ୍ୟତା ବହୁତ ଗଭୀର ଓ ପୁରାତନ । ରେଢ଼ାଖୋଲ ମାଟିରୁ ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇ ବିଶ୍ୱକୁ ଜଗତ କଲ୍ୟାଣର ବାର୍ତ୍ତା ଦେଇଥିଲେ । ଏ ସବୁ ପ୍ରମାଣିତ କରୁଛି, ଯେ ଏହା ଏକ ସଭ୍ୟତାର ଉତ୍ପତ୍ତି ସ୍ଥଳୀ । ରାଜ୍ୟ ସରକାର ନିକଟରେ ଭୀମମଣ୍ଡଳୀ ଓ ଦେବଝରନକୁ ସରକାରୀ ପର୍ଯ୍ୟଟନ ତାଲିକାରେ ସାମିଲ କରିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ସମ୍ବଲପୁର ଜିଲ୍ଲାରେ ମାଆ ସମଲେଶ୍ୱରୀଙ୍କ ମନ୍ଦିର, ସନ୍ଥ କବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ସ୍ଥାନ ଖିଣ୍ଡା, ଉଷା କୋଠି ଭଳି ପର୍ଯ୍ୟଟନସ୍ଥଳୀ ଅଛି । ଆଗାମୀ ଦିନରେ ଏହି ସ୍ଥାନକୁ ବୈଶ୍ୱିକ ପରିଚୟ ଦେବା ପାଇଁ ପ୍ରୟାସ କରାଯିବ । ଭାରତ ସରକାରଙ୍କ ଆଇସିଏଚଆର ସମେତ ବିଭିନ୍ନ ମାଧ୍ୟମରେ ଉଚ୍ଚସ୍ତରୀୟ ଗବେଷଣା କରାଯିବ । ସମ୍ବଲପୁର ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଉଚ୍ଚସ୍ତରୀୟ କର୍ମଶାଳା କରି ଏହି ସ୍ଥାନର ଅଧିକ ପ୍ରଚାର ପ୍ରସାର କରାଯିବ । ଦେବ୍ରୀଗଡ଼, ଭୀମମଣ୍ଡଳୀ ଏବଂ ହୀରାକୁଦକୁ ନେଇ ସମନ୍ୱିତ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ । ଦେବ୍ରିଗଡ, ଭୀମ ମଣ୍ଡଳୀ ଓ ହୀରାକୁଦକୁ ନେଇ ଏକ ପର୍ଯ୍ୟଟନ କ୍ଲଷ୍ଟର କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି । ଏହା ଦ୍ୱାରା ଐତିହ୍ୟସମ୍ପନ୍ନ ଅଞ୍ଚଳର ପ୍ରସିଦ୍ଧି ବଢିବା ସହ ଅଞ୍ଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବ । ଜାତୀୟ ସ୍ତରରେ ଦେବ୍ରିଗଡ ଓ ଭୀମମଣ୍ଡଳୀ ସ୍ଥାନର ପ୍ରଚାର ପ୍ରସାର ପାଇଁ ପ୍ରୟାସ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆକାଂକ୍ଷା ବ୍ଲକ ଅଧୀନରେ ପରିବର୍ତ୍ତନ ହୋଇଥିବା ୫୦୦ ବ୍ଲକ ମଧ୍ୟରୁ ନାକଟିଦେଉଳ ବ୍ଲକ ଅନ୍ୟତମ । ଏଠାରେ ମୌଳିକ ବିକାଶ ସହ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାର ବଦ୍ଧ ପରିକର ।

# ମାର୍ଚ୍ଚ ୧୩ରୁ ସିୟୁଇଟି ପିଜି ପରୀକ୍ଷା, ୧୫୭ ବିଷୟରେ ୪ ଲକ୍ଷ ୧୨ ହଜାର ପରୀକ୍ଷାର୍ଥୀ ଦେବେ ଏକ୍ସଜାମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଆସନ୍ତା ମାର୍ଚ୍ଚ ୧୩ରୁ ଆରମ୍ଭ ହେବ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି) । ଏପ୍ରିଲ୍ ୧ ଯାଏ ଏହି ପରୀକ୍ଷା ଚାଲିବ । ୧୫୭ ବିଷୟରେ ପରୀକ୍ଷା ହେବ । ମୋଟ୍ ୪୩ଟି ସିଫ୍ଟରେ ପରୀକ୍ଷା ହେବ । ଗୋଟିଏ ସିଫ୍ଟ ପରୀକ୍ଷା ୯୦ ମିନିଟ୍‌ର ହେବ । ଏନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି । ଏନ୍‌ଟିଏ ପକ୍ଷରୁ କୁହାଯାଇଛି, ସିୟୁଇଟି ପିଜି ପାଇଁ ମୋଟ ୪ ଲକ୍ଷ ୧୨ ହଜାର ୨୪ ଜଣ ଶିକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି । ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍‌ରେ କରାଯିବ । ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଆସିବ । ୪୧ଟି ଭାଷା ପରୀକ୍ଷା ସେହି ଭାଷାରେ କରାଯିବ । ସେହିପରି ଏମ୍‌ଟେକ୍ ଓ ହାୟର ସାଇନ୍ସର ପରୀକ୍ଷା ପାଇଁ ପ୍ରଶ୍ନ କେବଳ ଇଂରାଜୀରେ ଆସିବ । ଆଚାର୍ଯ୍ୟ ପରୀକ୍ଷାର ସଂସ୍କୃତ ପେପରର ପ୍ରଶ୍ନ ସଂସ୍କୃତରେ ଆସିବ । ଭାରତୀୟ ଜ୍ଞାନ ସିଷ୍ଟମ୍ ଓ ବୌଦ୍ଧ ଦର୍ଶନର ପ୍ରଶ୍ନ ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ଭାଷାରେ ଆସିବ । ହିନ୍ଦୁ ଷ୍ଟଡିଜ୍ ପେପରର ପ୍ରଶ୍ନ ହିନ୍ଦୀ ଓ ଇଂରାଜୀରେ ଆସିବ । ଏସଂପର୍କିତ ସମସ୍ତ ସୂଚନା ଏନ୍‌ଟିଏ ୱେବ୍‌ସାଇଟ୍ www.nta.ac.inରେ ରହିଛି ।

# ସମ୍ବଲପୁରୀକୁ ଜୀବନର ଭାଷା କରିବାକୁ ଆହ୍ୱାନ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଜେଲ୍‌ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁରୀ ଭାଷାର ଭବିଷ୍ୟତ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା ଏଥିରେ ସମ୍ବଲପୁରୀ ଭାଷାର ପ୍ରତିଷ୍ଠିତ ଭାଷାବିଦ ଡ. ପ୍ରଫୁଲ୍ଲ ତ୍ରୀପାଠୀ ଅତିଥି ଭାବରେ ଯୋଗ ଦେଇ ସମ୍ବଲପୁରୀ ଭାଷାର ଅତିତ ବର୍ତ୍ତମାନ ଏବଂ ଭବିଷ୍ୟତର ଆହ୍ୱାନ ବିଷୟରେ ଅବଗତ କରିଥିଲେ । ଅନ୍ୟ ଭାଷା ଭଳି ସମ୍ବଲପୁରୀ ଭାଷାକୁ ଯଦି ଜୀବନ ଜୀବିକାର ଭାଷା ଭାବେ ବ୍ୟବହାର କରାନଯାଏ ତେବେ ଭାଷାକୁ ଅଧିକ ଦିନ ସୁରକ୍ଷିତ ରଖାଯାଇ ପାରିବ ନାହିଁ ବୋଲି କହିଥିଲେ । ତେଣୁ ସମ୍ବଲପୁରୀ ଭାଷାକୁ କେବଳ ସାହିତ୍ୟରେ ସୀମିତ ନରଖି ଜୀବନର ସମସ୍ତ କ୍ଷେତ୍ରରେ ବ୍ୟବହାର ଉପଯୋଗୀ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ଏହାସହ ଯୁବ ପୀଢୀକୁ ନିଜର ଅନୁଭୁତିକୁ ସମ୍ବଲପୁରୀ ଭାଷାରେ ପ୍ରକାଶିତ କରିବା ଦିଗରେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ । ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମେତ ଅତିତରେ ଯେଉଁମାନେ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପାଇଁ କାର୍ଯ୍ୟ କରିବା ସହ ବର୍ତ୍ତମାନର ପିଢୀଙ୍କୁ ପ୍ରେରିତ କରିଛନ୍ତି। ସେମାନଙ୍କ ବିଷୟରେ ମଧ ଆଗାମୀ ପିଢୀକୁ ସୂଚିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ନିଜର ଜୀବନ ଯାତ୍ରା ଏବଂ କଟକରେ ରହି ସମ୍ବଲପୁରୀ ସାଧନା କରିବାରେ ସମସ୍ୟା ଏବଂ ଲାଭ ବିଷୟରେ ମଧ ନିଜର ଅନୂଭୁତି ବଖାଣିଥିଲେ। ଏହି ଅବସରରେ ଲୋକ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ସମ୍ବଲପୁରୀ ଭାଷାର ପ୍ରସାର ଦିଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ସହ ଅତିତର ଅନେକ ସ୍ମୃତିକୁ ଉଦ୍‌ଜୀବିତ କରିଥିଲେ ।

# ଆଗକୁ ୮୦ଦିନ ଗ୍ରୀଷ୍ମ ଲହରି, ୨୦୦୯ରୁ ଓଡ଼ିଶାରେ ତାପମାତ୍ରାରେ ସାଂଘାତିକ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷର ୮ ମାସ ଗରମ ପ୍ରକୋପ ଯାଉନି । ଶୀତରେ ଛାଡୁନି ତାତି। ଆଗକୁ ସ୍ଥିତି ସାଂଘାତିକ ରୂପ ନେବ। ସବୁ ପ୍ରୟାସ ସତ୍ତ୍ୱେ ବିଶ୍ୱର ହାରାହାରି ତାପମାତ୍ରା ଦେଢ଼ ଡିଗ୍ରୀ ବଢ଼ି ସାରିଛି । ଆଇପିସିସିର ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ବିଶ୍ୱର ହାରାହାରି ତାପମାତ୍ରା ୨ ଡିଗ୍ରୀ ସେଲସିୟସ୍ ବଢ଼ିପାରେ। ଏହି ଆକଳନ ଯଦି ସତ ହୁଏ, ଓଡ଼ିଶାରେ ସେତେବେଳକୁ ଭୟାନକ ଗ୍ରୀଷ୍ମ ପ୍ରବାହ ଚାଲିବ । ବର୍ଷକୁ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ୭ ଗୁଣା ବଢ଼ି ୮୦ ଛୁଇଁବ । ପୂର୍ବରୁ ହାରାହାରି ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ୧୧ ରହୁଥିଲା । ୨୦୨୩ରେ କିନ୍ତୁ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ଦୁଇ ଗୁଣା ବଢ଼ି ୨୨ ହୋଇଥିଲା । ୨୦୨୪ରେ ଏମିତି ସ୍ଥିତି ୩୭ ଦିନ ଥିଲା । ୨୦୫୦ ବେଳକୁ ୮୦ ଦିନ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଉମାଶଙ୍କର ଦାସ । ସ୍ୱାଭାବିକ୍ ତାପମାତ୍ରା ଠାରୁ ୪ରୁ ୬ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିଲେ କିମ୍ବା ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଟପିଲେ ଏହାକୁ ହିଟ୍ ୱେଭ୍ କିମ୍ବା ଗ୍ରୀଷ୍ମ ପ୍ରବାହ ବୋଲି କୁହାଯାଏ । ଏହାର ଅର୍ଥ ହେଉଛି ବର୍ଷକୁ ୮୦ ଦିନ କଲବଲ କଲା ଭଳି ଅସ୍ୱାଭାବିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ୧୯୯୧ ମସିହାରେ ବାର୍ଷିକ ହାରାହାରି ଦିନ ତାପମାତ୍ରା ୩୨.୧ କିମ୍ବା ୩୨.୨ ଡିଗ୍ରୀ ସେଲସିୟସ୍ ପାଖାପାଖି ରହୁଥିଲା । ୧୯୯୫, ୧୯୯୬ରେ ୩୨ ଡିଗ୍ରୀରୁ ବି କମ୍ ଥିଲା ହାରାହାରି ବାର୍ଷିକ ଦିନ ତାପମାତ୍ରା । ଏମିତିକି ଭୟଙ୍କର ଗ୍ରୀଷ୍ମ ପ୍ରବାହର ବର୍ଷ ୧୯୯୮ରେ ବି ବର୍ଷର ହାରାହାରି ଦିନ ତାପମାତ୍ରା ୩୨ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିନଥିଲା । ମାତ୍ର ୨୦୦୯ରେ ଭୟଙ୍କର ଓ ଅସ୍ୱାଭାବିକ ହାରରେ ବଢ଼ିଲା ଦିନ ତାପମାତ୍ରା । ରାଜ୍ୟର ସର୍ବୋଚ୍ଚ ହାରାହାରି ବାର୍ଷିକ ତାପମାତ୍ରା ୩୩.୨ ଡିଗ୍ରୀରେ ପହଞ୍ଚିଥିଲା । ଏହାପରଠାରୁ ପ୍ରାୟତଃ ବାର୍ଷିକ ହାରାହାରି ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ଉପରେ ରହି ଆସୁଥିଲା। ୨୦୧୬ ଥିଲା ଅନ୍ୟତମ ଉତ୍ତପ୍ତ ବର୍ଷ । ୨୦୨୩ରେ ପୁଣି ଭୟଙ୍କର ଭାବେ ଦିନ ତାପମାତ୍ରା ବଢ଼ିଥିଲା । ୨୦୨୩ରେ ଅସ୍ୱାଭାବିକ ଭାବେ ବଢ଼ିଲା ତାପମାତ୍ରା। ସର୍ବୋଚ୍ଚ ହାରାହାରି ବାର୍ଷିକ ତାପମାତ୍ରା ୩୩.୨ ଡିଗ୍ରୀ ଛୁଇଁଥିଲା । ୨୦୨୩ର ତାତି ରେକର୍ଡ ଭାଙ୍ଗିଥିଲା ୨୦୨୪ । ଗତ ଦେଢ଼ ଦଶନ୍ଧି ହେଲାଣି ଭୟଙ୍କର ହାରରେ ତାତୁଛି ଓଡ଼ିଶା । ବର୍ଷର ହାରାହାରି ଦିନ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି । ୨୦୨୨, ୨୦୨୩ ଓ ୨୦୨୪ର ତଥ୍ୟ କହୁଛି, ପ୍ରତିବର୍ଷ ଗରମର ପ୍ରକୋପ ପୂର୍ବଠାରୁ ଆହୁରି ଦ୍ରୁତ ଗତିରେ ବଢୁଛି । ୨୦୨୪ ଏପ୍ରିଲ ମାସରେ କ୍ରମାଗତ ଭାବେ ୧୬ ଦିନ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା । ଚିନ୍ତାର ବିଷୟ ହେଲା, ଏହି ଧାରାରେ ସବୁଠାରୁ କମ୍ ତାପମାତ୍ରା ଥିଲା ୪୦.୬ ଡିଗ୍ରୀ । ବାକି ୧୫ ଦିନ ପାରଦ ୪୧ ଡିଗ୍ରୀ ଉପରେ ଥିଲା। ଗରମ ଏତେ ବଢ଼ିଗଲାଣି ଯେ ୨୦୨୪ରେ ଜାନୁଆରୀରୁ ହିଁ ତାତି ଅନୁଭୂତ ହୋଇଥିଲା । ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଅସ୍ୱାଭାବିକ ଗରମ ଅନୁଭୂତ ହୋଇଥିଲା। ଖାଲି ସେତିକି ନୁହେଁ, ବର୍ତ୍ତମାନ ସ୍ଥିତି ଏମିତି ହେଲାଣି ଯେ ବର୍ଷା ଓ ଶୀତ ଋତୁରେ ବି ଏସି ବ୍ୟବହାର କରିବାକୁ ପଡୁଛି। ଋତୁ ଚକ୍ର ଭିତରୁ ଶରତ, ହେମନ୍ତ ଓ ବସନ୍ତକୁ ହଜେଇ ଦେଲାଣି ଅସ୍ୱାଭାବିକ ଗ୍ରୀଷ୍ମର ଅବଧି। ଶୀତ ଅବଧି ୮/୧୦ ଦିନକୁ ଖସି ଯାଇଥିବାବେଳେ ବର୍ଷା କେବେ କେଉଁଆଏ ଆଉ କେବେ ମେଞ୍ଚାଏ । ବର୍ଷା ଯେତିକି ହେବା କଥା ହେଉଛି ସତ, ମାତ୍ର ଏହାର ଅବଧି କମିଛି। କମ୍ ସମୟ ଭିତରେ ଅଧିକ ବର୍ଷା ହେଉଛି । ବାକି ସମୟରେ ବର୍ଷା ଋତୁରେ ଖରାର ରାଜୁତି ଚାଲୁଛି। ପାଣିପାଗ ବୈଜ୍ଞାନିକ ଶ୍ରୀ ଦାସଙ୍କ କହିବାନୁସାରେ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ପାଉଛି । ତେଣୁ ଓଡ଼ିଶାରେ ବି ତାପମାତ୍ରା ବଢୁଛି । ମାତ୍ର ଆମର ପରିବର୍ତ୍ତିତ ପରିବେଶ ଗରମର ଅହେତୁକ ବୃଦ୍ଧି ପାଇଁ ଅନୁକୂଳ ହେଉଛି । ଗତ ଦୁଇ ଦଶନ୍ଧି ଭିତରେ ଭୁବନେଶ୍ୱର ସମେତ ଅଧିକାଂଶ ଅଞ୍ଚଳରେ ଜମିର କିସମ ଦ୍ରୁତ ହାରରେ ବଦଳିଛି । ଚାଷ ଓ ଜଙ୍ଗଲ ଜମି ଉପରେ କୋଠାବାଡ଼ି ଓ କଂକ୍ରିଟ ଭିତ୍ତିଭୂମି ଛିଡ଼ା ହେଲାଣି। ଜଳାଶୟ, ଜଳ ଉତ୍ସ, ଆର୍ଦ୍ରଭୂମିକୁ ପୋତି କଂକ୍ରିଟ ମୁଣ୍ଡ ଟେକିଛି । ନଦୀ, ନାଳ ଶୁଖିବା ସହ କଂକ୍ରିଟକରଣ ଯୋଗୁ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ପାଉଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଖିଲା ଥିବାବେଳେ ଆସନ୍ତା ଦୁଇଦିନ ଭିତରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିପାରେ। ରାଜ୍ୟର ୧୩ଟି ସ୍ଥାନରେ ଦିନ ତାପମାତ୍ରା ୩୪ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା । ବୌଦ୍ଧରେ ସର୍ବାଧିକ ୩୬.୮, ଝାରସୁଗୁଡ଼ା ୩୫.୪, ସମ୍ବଲପୁର ୩୫.୩, ଟିଟିଲାଗଡ଼ ୩୫ ଡିଗ୍ରୀ ଥିଲା । ପାଳନ କରୁଥିବା ଭଗବାନଙ୍କ ନିକଟରେ ସର୍ବଜନ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ନିଜ ଓଡ଼ିଶା ଗସ୍ତ ସମୟରେ ଶେଖାୱତ ଭଗବାନ ସୂର୍ଯ୍ୟଙ୍କୁ ସମର୍ପିତ କୋଣାର୍କ ମନ୍ଦିର ବି ଯାଇଛନ୍ତି। ସେ କହିଛନ୍ତି ଯେ, ଏହା ଭାରତର ଅଦ୍ୱିତୀୟ ସ୍ଥାପତ୍ୟ କଳାର ଅଦ୍ଭୁତ ଉଦାହରଣ ଅଟେ । ଏହା ବିଶ୍ୱ ଐତିହ୍ୟ ବି ଅଟେ । ଶେଖାୱତ ଏଠାରେ ରେଟ୍ରୋଫିଟିଙ୍ଗ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ।

# କମୁଛି ଆଦର୍ଶ ବିଦ୍ୟାଳୟର ପାସ୍ ହାର, ୯୯%ରୁ ଖସି ୬୩%ରେ ପହଞ୍ଚିଲାଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲଗାତାର ୪ ବର୍ଷ ହେଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର କମୁଛି । ଏପରି ଅବସ୍ଥା ହେଲାଣି ଯେ ଦ୍ୱାଦଶ ଶ୍ରେଣୀରେ ୨୦୨୦-୨୧ ମସିହାରେ ପାସ୍ ହାର ୯୯.୦୯ ପ୍ରତିଶତ ଥିବାବେଳେ ଗତବର୍ଷ ଅର୍ଥାତ୍ ୨୦୨୩-୨୪ରେ ପାସ୍ ହାର ଖସି ୬୩.୨୦ ପ୍ରତିଶତରେ ପହଞ୍ଚିଛି । କେବଳ ଯେ ଦ୍ୱାଦଶ ଶ୍ରେଣୀରେ ଏପରି ଅବସ୍ଥା ତାହା ନୁହେଁ, ଦଶମ ଶ୍ରେଣୀ ବୋର୍ଡରେ ମଧ ସମାନ ଅବସ୍ଥା । ୨୦୨୦-୨୧ରେ ୯୫.୭୧ ପ୍ରତିଶତ ଥିବାବେଳେ ଏହା ଏବେ ୮୨.୨୬ ପ୍ରତିଶତକୁ ଖସି ଆସିଛି । ଏହି ରେଜଲ୍ଟ କ୍ରମାଗତ ଭାବେ କମୁଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । କିନ୍ତୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ କରୁଛି କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ରାଜ୍ୟରେ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଏଥିରୁ ପ୍ରାୟ ୨୩୦ରୁ ଅଧିକ ସ୍ଥାନରେ ଦଶମ ଶ୍ରେଣୀ ଖୋଲିସାରିଛି । ବର୍ତ୍ତମାନ ଯାଏ ୧୬୬ରୁ ଅଧିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ରହିଛି । ସେହପରି କେବଳ ଏକାଦଶ ଶ୍ରେଣୀ ଥିବା ୧୬ରୁ ଅଧିକ ଶିକ୍ଷାନୁଷ୍ଠାନରେ ଚଳିତବର୍ଷରୁ ଦ୍ୱାଦଶ ଶ୍ରେଣୀ ଖୋଲିବ । ଦଶମ ଶ୍ରେଣୀର ଗତ ୪ ବର୍ଷର ରେଜଲ୍ଟକୁ ଲକ୍ଷ୍ୟ କଲେ, ୨୦୨୦-୨୧ ଶିକ୍ଷାବର୍ଷରେ ୯୮.୧୧ ପ୍ରତିଶତ ଥିଲା। ୨୦୨୧- ୨୨ରେ ଏହା ଖସି ୯୫.୭୧ ପ୍ରତିଶତରେ ପହଞ୍ଚିଥିଲା । ପରେ ୨୦୨୨-୨୩ରେ ଏହା ୯୦ ପ୍ରତିଶତ ତଳକୁ ଖସି ୮୫.୫୯ ପ୍ରତିଶତରେ ପହଞ୍ଚିଥିଲା।

ସେହିପରି ୨୦୨୩-୨୪ ବର୍ଷରେ ଏହା ଆହୁରି ୩ ପ୍ରତିଶତ କମିଥିଲା । ଅର୍ଥାତ୍ ୮୨.୨୬ ପ୍ରତିଶତରେ ପହଞ୍ଚିଥିଲା । ୪ ବର୍ଷରେ ୧୫.୮୫ ପ୍ରତିଶତ ଖସିଲାଣି। ସେହିପରି ଦ୍ୱାଦଶ ଶ୍ରେଣୀର ରେଜଲ୍ଟକୁ ଲକ୍ଷ୍ୟ କଲେ, ୨୦୨୦-୨୧ ଶିକ୍ଷାବର୍ଷରେ ୯୯.୦୯ ପ୍ରତିଶତ ରେଜଲ୍ଟ ହୋଇଥିଲା । ଏହାର ଠିକ୍ ବର୍ଷକ ପରେ ଅର୍ଥାତ୍ ୨୦୨୧- ୨୨ରେ ସିଧାସଳଖ ୩୦.୫୮ ପ୍ରତିଶତ କମିଯାଇ ୬୮.୫୧ ପ୍ରତିଶତରେ ପହଞ୍ଚିଥିଲା । ସେହିପରି ୨୦୨୨-୨୩ରେ ୬୫.୬୭ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଗତବର୍ଷ (୨୦୨୩-୨୪ ଶିକ୍ଷାବର୍ଷରେ) ଏହା ୬୩.୨୦ ପ୍ରତିଶତରେ ପହଞ୍ଚିଛି । ୪ ବର୍ଷରେ ୩୫.୮୯ ପ୍ରତିଶତ ପାସ୍ ହାର ଖସିଲାଣି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନ ଦଶମ ଶ୍ରେଣୀ ପରୀକ୍ଷାରେ ସରକାରୀ ହାଇସ୍କୁଲର ରେଜଲ୍ଟ କିପରି ଭଲ ହେବ ସେଥିପ୍ରତି ଅଧିକ ଧ୍ୟାନ ଦେଉଛି। ବିଭିନ୍ନ ସମୟରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ କରାଯାଉଛି । ପିଲାଙ୍କ ପାଇଁ ଟିପ୍ସ ପ୍ରଦାନ କରାଯାଉଛି । ପରୀକ୍ଷା ସମୟରୁ କାଉନ୍‌ସେଲିଂ କରାଯାଉଛି । ରେଜଲ୍ଟର ସମୀକ୍ଷା ହେଉଛି । ଅଭିଭାବକଙ୍କୁ ନେଇ ବୈଠକ ହେଉଛି। ହେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ଷେତ୍ରରେ ଏସବୁ ସ୍ୱପ୍ନ ପାଲଟିଛି । ବାରମ୍ବାର ରେଜଲ୍ଟ କମୁଥିବାବେଳେ ଏଥିପ୍ରତି ଧ୍ୟାନ ଦିଆଯାଉନି । ଏତିକି କୁହାଯାଉଛି, ପାସହାରରେ ଉନ୍ନତି ଆଣିବା ପାଇଁ ପ୍ରତିବର୍ଷ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଉଛି । ସ୍କୁଲରେ ବିଜ୍ଞାନାଗାର ସ୍ଥାପନା ସହ କମ୍ପ୍ୟୁଟର ଲାବୋରେଟୋରୀ ସହ ସ୍ମାର୍ଟ କ୍ଲାସ୍‌ରୁମ୍ ସ୍ଥାପନ କରାଯାଉଛି ବୋଲି ବିଭାଗ ପକ୍ଷରୁ ହାଲୁକା ମନ୍ତବ୍ୟ ଦିଆଯାଉଛି । ଏପରିକି ଇଚ୍ଛାଧୀନ ବିଷୟ ଭାବେ ପେଣ୍ଟିଂ, ଆଇଟି, ପିଇ ନେବାକୁ ଅନୁପ୍ରାଣିତ କରାଯାଉଛି ବୋଲି ବିଭାଗ ସଫେଇ ଦେଉଛି । ହେଲେ କିପରି ପାସ୍ ହାରରେ ଉନ୍ନତି ଆସିବ ସେଥିପ୍ରତି ସଜାଗ ହେଉନି । ଅନ୍ୟପଟେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଧାୟକ ଓ ସାଂସଦ କୋଟାରେ ପିଲାଙ୍କ ନାମ ଲେଖାଯାଉଛି । ଏହି କୋଟା ପାଇଁ ମେଧାବୀ ଛାତ୍ରଛାତ୍ରୀ ନାମଲେଖାରୁ ବାଦ୍ ପଡୁଛନ୍ତି। ତେଣୁ କୋଟା ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି ହେଉଛି । ଏପରିକି ବିଧାନସଭାରେ ଏନେଇ ବିରୋଧୀ ପ୍ରଶ୍ନ ମଧ୍ୟ କରୁଛନ୍ତି । ଅନ୍ୟପଟେ ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଯେଉଁଠି ସବୁ ଦ୍ୱାଦଶ ଶ୍ରେଣୀ ଚାଲିଛି, ସବୁଠି ଅତିଥି ଅଧ୍ୟାପକଙ୍କୁ ନେଇ ଚାଲିଛି । ସେହିପରି ଅଧିକାଂଶ ସ୍କୁଲରେ ଶିକ୍ଷକ ଅଭାବ । ଅନେକ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷରେ ଚାଲିଛି। ଏପରି ସ୍ଥିତିରେ କିପରି ପାଠପଢ଼ା ହେବ ବୋଲି ପ୍ରଶ୍ନ କରିଛନ୍ତି । ସରକାର ପିଲାଙ୍କୁ ସିବିଏସ୍‌ଇ ମାଧ୍ୟମରେ ପଢ଼ାଇ ଇଂରାଜୀ ପିଲାଙ୍କ ସହ ଟକ୍କର ଦେବାକୁ ଆଦର୍ଶ ବିଦ୍ୟାଳୟ ଖୋଲିଲେ, ହେଲେ ଏହାର ଉନ୍ନତି ପାଇଁ ବିଭାଗୀୟ ଅଧିକାରୀମାନେ ଚିନ୍ତା କରୁନାହାନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପାସ୍ ହାର କମିବାର ମୁଖ୍ୟ ୨ଟି କାରଣ ରହିଛି । ବିଶେଷ କରି ଦ୍ୱାଦଶ ଶ୍ରେଣୀର ପାସ୍ ହାର କମୁଛି । ଏହାର କାରଣ ହେଉଛି, ଦଶମରେ ଯେଉଁମାନେ ସବୁଠୁ କମ୍ ପ୍ରତିଶତ ମାର୍କ ରଖି ପାସ୍ କରୁଛନ୍ତି, ସେମାନଙ୍କୁ ଓଏଭିରେ ନାମଲେଖାଇବା ପାଇଁ ବିଜ୍ଞାନ ଷ୍ଟ୍ରିମ୍‌କୁ ଛାଡ଼ି ଅନ୍ୟ ଷ୍ଟ୍ରିମ୍‌ର ସୁବିଧା ନାହିଁ । ଫଳରେ କମ୍ ପ୍ରତିଶତ ମାର୍କ ରଖିଥିବା ପିଲାଟି ବିଜ୍ଞାନ ପଢ଼ିବା ପାଇଁ ସକ୍ଷମ ହେଉନି ଏବଂ ପରୀକ୍ଷାରେ ଫେଲ୍ ହେଉଛି । ସେହିପରି ଦଶମ ଶ୍ରେଣୀରେ ମାର୍କ କମିବାର ମୁଖ୍ୟ କାରଣ ହେଉଛି ବିଧାୟକ, ସାଂସଦ କୋଟାରେ ନାମଲେଖା । ଏହି କୋଟାରେ ନାମଲେଖାଉଥିବା ପିଲାମାନଙ୍କ ଏକାଡେମିକ୍ ଦକ୍ଷତା କମ୍ ଥିବାରୁ ସେମାନେ ପରୀକ୍ଷାରେ ଭଲ କରୁନାହାନ୍ତି । ଓଏଭି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାନର ପାଠପଢ଼ା ନେଇ ସଚେତନ ଅଛି । ଏପରିକି ପରୀକ୍ଷା ସମୟରେ ଅତିରିକ୍ତ କ୍ଲାସ୍ ନିଆଯାଉଛି। ଗଣିତରେ ଅଧିକ ଦକ୍ଷ କରିବା ପାଇଁ ଖାନ୍ ଏକାଡେମି ସହ ଚୁକ୍ତି ମଧ୍ୟ ହୋଇଛି। ଏଥିରେ ପିଲାଙ୍କୁ ଅତିରିକ୍ତ କ୍ଲାସ୍ ସହ ସେମାନଙ୍କର ଦ୍ୱନ୍ଦ୍ୱ ଦୂର କରାଯାଉଛି।

# ଭିନ୍ନ ଜାତିରେ ବିବାହ କରିଥିଲେ ବୋଲି ମଲା ପରେ ବି ମିଳିଲାନି କାନ୍ଧ : ପତ୍ନୀ, ଝିଅ ଖଟରେ ବୋହିନେଲେ ଶବ

**ବଇଣ୍ଡା, ନ୍ୟୁଜ ବ୍ୟୁରୋ**

ଏକବିଂଶ ଶତାବ୍ଦୀରେ ବି କଠୋର ଜାତିପ୍ରଥା । ବାସନ୍ଦ କଟକଣାରୁ ମରିଗଲା ମାନବିକତା । ଭିନ୍ନ ଜାତିରେ ବିବାହ କରିବାରୁ ଜିଇଁଥିବା ବେଳେ ପରିବାର କି ଶ୍ୱଶୁର ଘର ଲୋକ ମୁହଁକୁ ତ ଚାହୁଁ ନ ଥିଲେ ଗୁରୁବାର ଅକାଳ ମୃତ୍ୟୁ ପରେ ଶବକୁ କାନ୍ଧଦେବାକୁ ବି ଆସିଲେନି । ବିଧବା ପତ୍ନୀ ନାବାଳିକା ଝିଅ ସହ ଖଟରେ ବୋହି ସ୍ୱାମୀଙ୍କ ମରଶରୀର ମଶାଣିକୁ ନେବା ଘଟଣା ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ୍ ବଇଣ୍ଡା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି । ସ୍ଥାନୀୟ ପୁଲିସ୍, ବ୍ଲକ୍ କି ତହସିଲ୍ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ଏ ଦିଗରେ କୌଣସି ସହାୟତା ମିଳି ନ ଥିଲା । ପରନ୍ତୁ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ଶବଦାହ ପାଇଁ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବାରୁ ଘରପାଖ ଶ୍ମଶାନରେ ଯୁବକଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି । ସୂଚନା ଅନୁଯାୟୀ, ଆଠମଲ୍ଲିକ ଥାନା ପେଣ୍ଡରାବସା ଗ୍ରାମର ପ୍ରକାଶ ପ୍ରଧାନ(୪୫) ୧୫ ବର୍ଷ ତଳେ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ଗ୍ରାମର ରୀତା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ । ଦୁହେଁ ଭିନ୍ନ ଜାତିର । ପାଲା ଗାୟକଙ୍କ ସହଯୋଗୀ ଭାବରେ ଉଭୟ କାମ କରୁଥିଲେ। ହେଲେ ବିବାହ ପରଠାରୁ ପ୍ରକାଶ ଓ ରୀତାଙ୍କ ପରିବାର ଦମ୍ପତିଙ୍କୁ ଗ୍ରହଣ କରିପାରିନଥିଲେ। ଉଭୟଙ୍କ ଜାତି ଅଲଗା ହୋଇଥିବାରୁ ସମାଜର କଟକଣାକୁ ଡରି ପ୍ରକାଶ ଓ ରୀତାଙ୍କ ପରିବାର ଲୋକେ ସେମାନଙ୍କଠାରୁ ଦୂରେଇ ଯାଇଥିଲେ । ଶରଧାମୁଣ୍ଡାଠାରେ ଘରଟିଏ ତୋଳି ପ୍ରକାଶ ମୁଣ୍ଡ ଗୁଞ୍ଜିଥିଲେ । ଉଭୟଙ୍କ ଦୁଇ ଝିଅ ଓ ଏକ ପୁଅ ଥିବା ବେଳେ ୫ ବର୍ଷ ତଳେ ସତେ ଯେମିତି ପରିବାରରେ ଚଢ଼କ ପଡ଼ିଥିଲା । କିଡ୍‌ନୀ ରୋଗରେ ପଡ଼ିଲେ ପ୍ରକାଶ । ଆଖି ବୁଜିଥିଲେ । ପ୍ରକାଶଙ୍କ ମୃତ୍ୟୁ ସମ୍ପର୍କରେ ରୀତା ତାଙ୍କ ଶଶୁର ଘର ଓ ବାପ ଘର ଲୋକଙ୍କୁ ସୂଚନା ଦେଇଥିଲେ । ଉଭୟଙ୍କ ପରିବାର ଆସି ଦୂରରୁ ଶବ ଦେଖି ପଳାଇ ଯାଇଥିଲେ । ବଇଣ୍ଡା ଗ୍ରାମର କିଛି ଯୁବକ ପହଞ୍ଚି ଶବଦାହ କରିବା ପାଇଁ କାଠ ସହ ଅନ୍ୟାନ ସାମଗ୍ରୀ ଯୋଗାଇ ଦେଇଥିଲେ । ଅସହାୟ ରୀତା ଓ ତାଙ୍କ ଝିଅ ପ୍ରକାଶଙ୍କର ମୃତଦେହ ଖଟିଆରେ ବୋହି ଶ୍ମଶାନକୁ ନେଇଥିଲେ । ପୁଅ ମୁଖାଗ୍ନି ଦେଇଥିଲେ ।

31 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୪ ମାର୍ଚ୍ଚ ୨୦୨୫ ମଙ୍ଗଳବାର




## ୨୦୨୫ ଶେଷ ସୁଦ୍ଧା ସୁନା ଦର ଦେଢ଼ ଲକ୍ଷ ଟପିପାରେ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ବିଶ୍ୱ ବଜାରରେ ସୁନା ରକେଟ୍ ବେଗରେ ଦୌଡୁଛି । ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ ଏହା। ୨୫,୦୦୦ ଟଙ୍କାରୁ ବୃଦ୍ଧି ପାଇ ୮୪,୩୦୦ ଟଙ୍କା ହୋଇଛି । ୨୦୨୨ ଅଗଷ୍ଟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ୧୦ ଗ୍ରାମ୍ ପିଛା ୨୫,୦୦୦ ଟଙ୍କା ସ୍ତରକୁ ପହଞ୍ଚିଥିଲା ଏବଂ ୨୦୨୦ ଜୁଲାଇରେ ୫୦୦୦୦ ଟଙ୍କା ପାର୍ ହୋଇଥିଲା । ସୁନାକୁ ୨୫,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାରେ ପହଞ୍ଚିବାକୁ ୧୦୮ ମାସ ଲାଗିଥିଲା, କିନ୍ତୁ ୫୦,୦୦୦ ଟଙ୍କା ସ୍ତରରୁ ୭୫,୦୦୦ ଟଙ୍କାରେ ପହଞ୍ଚିବାକୁ ମାତ୍ର ୪୮ ମାସ ଲାଗିଥିଲା । ୨୦୨୪ ସେପ୍ଟେମ୍ବରରେ ସୁନା ମୂଲ୍ୟ ୭୫,୦୦୦ ଟଙ୍କାରେ ପହଞ୍ଚିଥିଲା । ଭାରତରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଗ୍ରାମ ପିଛା ୮୪୩୦ ଟଙ୍କା । ଏଠାରେ ପ୍ରଶ୍ନ ଉଠୁଛି ୨୦୨୫ର ବାକି ୩୦୦ରୁ ୩୩୦ ଦିନ ମଧ୍ୟରେ ସୁନା ୧ ଲକ୍ଷ ଟଙ୍କା ଛୁଇଁ ଯାଇପାରେ । ବଜାର ବିଶେଷଜ୍ଞ ଆକଳନ କରୁଛନ୍ତି ଯେ ଚଳିତବର୍ଷ ସୁନା ମୂଲ୍ୟ ପ୍ରାୟ ୧୫୦ ଲକ୍ଷ ଟଙ୍କାରେ ପହଞ୍ଚିଯିବ। ଜାନୁଆରୀରେ ଡୋନାଲ୍ଡ ଟ୍ରମ୍ପ ପୁଣିଥରେ କ୍ଷମତା ଗ୍ରହଣ କରିବା ପରଠାରୁ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ଟ୍ରମ୍ପଙ୍କ ଶୁଳ୍କ ସମ୍ପର୍କିତ ନୀତି ଯୋଗୁଁ ସାଧାରଣ ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି । ଏବେ ଯେତେବେଳେ ଆମେ ଏଥିରେ ବିଶ୍ୱସ୍ତରୀୟ ଅନିଶ୍ଚିତତାକୁ ଯୋଡିବା, ଏହା ସ୍ପଷ୍ଟ ହୋଇଯିବ ଯେ ସୁନା ମୂଲ୍ୟରେ ବୃଦ୍ଧି ଆଗ ଖୁବଶୀଘ୍ର ଶେଷ ହେବନାହିଁ ।

## ବିଭିନ୍ନ ଦାବି ନେଇ ଜିଲ୍ଲା ବିକାଶ ସାମ୍ମୁଖ୍ୟ ପକ୍ଷରୁ ସାଂସଦଙ୍କୁ ସ୍ମାରକପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମୁଖ୍ୟ ପକ୍ଷରୁ ଜିଲ୍ଲାର ବିକାଶ ପାଇଁ ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମହାକାଳପଡା ବିଧାୟକ ଡଃ. ଦୁର୍ଗାପ୍ରସନ୍ନ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦୁଃଖ ଏବଂ ପରିତାପର ବିଷୟ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ କେହି ଆଖି ଦୃଶିଆ ଗଠନ ମୂଳକ ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ରାଜ୍ୟରେ ଆମ ଜିଲ୍ଲା ଅର୍ଥନୈତିକ ଦୃଷ୍ଟିକୋଣରୁ ୨୭ତମ ସ୍ଥାନରେ ସ୍ଥାନୀତ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ କୌଣସି ଯୋଜନାବଦ୍ଧ କାର୍ଯ୍ୟ ହୋଇନାହିଁ । କେବଳ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା କଲେଜ୍ ପ୍ରତିଷ୍ଠା ଏବଂ ଶିଳ୍ପ କରିଡୋର୍ କରିବାରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ। କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ପ୍ରତିଷ୍ଠା, ବିଶ୍ୱ ବିଦ୍ୟାଳୟ ଏବଂ ଜଜାଙ୍ଗଠାରେ କୃଷି ବିଶ୍ୱ ବିଦ୍ୟାଳୟର ଏକ କ୍ୟାମ୍ପସ୍ ପ୍ରତିଷ୍ଠା, ଚାଷ ପାଇଁ ଭୁତୁମୁଣ୍ଡାଇ ଠାରେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ, ପର୍ଯ୍ୟଟନ ବିକାଶ ପାଇଁ ଭିତର କନିକା ଏବଂ ହୁକିଟୁଳାର ଉନ୍ନତି ସାଧନ କରିବା, ଜଳସେଚନ, ଜଳ ନିଷ୍କାସନ, ଗୋଦାମ ଗୃହର ପ୍ରତିଷ୍ଠା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ, ଯାତାୟାତର ସୁବିଧା ପାଇଁ ରେଲ୍ ଲାଇନ୍ ସଂପ୍ରସାରଣ ସହ ଯାତ୍ରୀବାହୀ ଟ୍ରେନ୍ ଭୁବନେଶ୍ୱର, ପୁରୀ ଏବଂ କଲିକତାକୁ ସଂପ୍ରସାରଣ କରିବା ଆଦି ଯୋଜନାବଦ୍ଧ ଖସଡା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ ତରଫରୁ ସଂପାଦକ ଅଧାପକ ଅଜୟ ସାମଲଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ସଫଳତା ମିଳିଥାଏ:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**



ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୮ତମ ବାର୍ଷିକୋତ୍ସବ

ନିଜ କଲେଜ ଓ ନିଜ ଶିକ୍ଷକ ମାନଙ୍କୁ ନେଇ ଆପଣମାନେ ଗର୍ବ ଅନୁଭବ କରିବା ଉଚିତ୍ ଏବଂ ଭବିଷ୍ୟତରେ ଏହି ମହାବିଦ୍ୟାଳୟର ଶୋଭା ବର୍ଦ୍ଧନ କରିବା ଉଚିତ୍ । ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ଭାବେ ମୋର ମଧ୍ୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ରହିଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ କରି ମୋ କଲେଜକୁ ମୁଁ ଆସିଛି । ଏଣୁ ଏହି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଉନ୍ନତିକରଣ ନିମନ୍ତେ ଏକ ୩ ମହଲା ବିଶିଷ୍ଟ ବିଲ୍ଡିଂ ନିର୍ମାଣ ପାଇଁ ୪ କୋଟି ଟଙ୍କା ମଞ୍ଜୁର ପାଇଁ ମୁଁ ପ୍ରସ୍ତାବ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର, ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୮ ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପବିତ୍ର ବୈତରଣୀ କୂଳରେ ଅବସ୍ଥିତ ଏହି ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ଯୁକ୍ତ ତିନି ବାଣିଜ୍ୟ, ଯୁକ୍ତ ତିନି ଭୂତତ୍ତ୍ୱ ବିଜ୍ଞାନ ଏବଂ କଳା ପାଠ୍ୟକ୍ରମରେ ସଂସ୍କୃତ ଏବଂ ସାମାଜିକ ଶାସ୍ତ୍ର ସହିତ ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରୁଛି । କୌଣସି ଶିକ୍ଷାନୁଷ୍ଠାନ ଛୋଟ ହୋଇନଥାଏ କେବଳ ଆତ୍ମ ବିଶ୍ୱାସ ଥିଲେ ଆପଣମାନେ ମଧ୍ୟ ଦିନେ ନା ଦିନେ ସୁଉଚ୍ଚ ପଦବୀରେ ରହିବେ ଏବଂ ଏହି ଧାରାରେ ଆପଣ ନିଜ କଲେଜ ଆଉ ନିଜ ଶିକ୍ଷକଙ୍କୁ ଗର୍ବିତ କରାଇପାରିବେ । ଏହି ମହାବିଦ୍ୟାଳୟକୁ National Excellence Centr ଭାବେ ପରିଗଣିତ କରିବା ପାଇଁ ଏବଂ ସ୍ୱାୟଂଶାସିତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ । ଏହି ପରିପ୍ରେକ୍ଷୀରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଏହା ମହାବିଦ୍ୟାଳୟର ଉନ୍ନତିକରଣ ପାଇଁ ୩ କୋଟି ୩୦ ଲକ୍ଷ ଟଙ୍କାର ରାଶି ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାକୃତିକ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡରେ ପୁଣ୍ୟତୋୟା ବୈତରଣୀ ତଟରେ ଚନ୍ଦ୍ରଶେଖର ମହାଦେବଙ୍କ ନାମରେ ନାମିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ୧୯୭୭ ମସିହା ଜୁଲାଇ ୨୫ ତାରିଖରେ ପ୍ରତିଷ୍ଠିତ ହୋଇ ନିରନ୍ତର ଭାବେ ଆଜି ପର୍ଯ୍ୟନ୍ତ ଚମ୍ପୁଆ ଉପଖଣ୍ଡ, ନିକଟବର୍ତ୍ତୀ ଜିଲ୍ଲା ସୁନ୍ଦରଗଡ଼, ମୟୂରଭଞ୍ଜ ଓ ସୀମାନ୍ତ ଝାଡ଼ଖଣ୍ଡ ଅଞ୍ଚଳର ବହୁ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାର ଆଲୋକବର୍ତ୍ତିକା ସାଜି ଆଜି ପର୍ଯ୍ୟନ୍ତ ସମୟକୁ ପ୍ରତିହତ କରି ଗୌରବର ସହିତ ମୁଣ୍ଡ ଟେକି ଛିଡ଼ା ହୋଇଛି । ପ୍ରାୟତଃ ସବୁ ଅନୁଷ୍ଠାନ ମହତ୍ ଉଦ୍ଦେଶ୍ୟ ନେଇ ଛୋଟିଆ ପ୍ରୟାସରୁ ହିଁ ଆରମ୍ଭ ହୋଇଥାଏ । ଆଉ ଆଜି ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଏହି କଲେଜରେ ଉପଲବ୍ଧ ଅଛି ଏବଂ ଆଗକୁ ମଧ୍ୟ ଏହି କଲେଜର ସମସ୍ତ ବିକାଶ ହେବ ବୋଲି ସେ ନିଜ ଅଭିଭାଷଣରେ କହିଥିଲେ । ସେ କହିଥିଲେ ଏହି କଲେଜ ପ୍ରତିଷ୍ଠା ପାଇଁ, ସ୍ୱର୍ଗତ କ୍ଷେତ୍ରବାସୀ କର, ବ୍ରଜ ସୁନ୍ଦର ପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସହରାଇ ଓରାମ୍‌ଙ୍କ ପରି ଅନେକ ମହତ ସମାଜ କଲ୍ୟାଣକାରୀ ଲୋକଙ୍କ ଯଥେଷ୍ଟ ଅବଦାନ ରହିଛି । ଏପରି ଏକ ଅନୁଷ୍ଠାନରେ ମୋର ଶିକ୍ଷା ଗ୍ରହଣ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ଏବଂ ଏଠାରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ୍ । ସେ ପୁଣି କହିଥିଲେ ଯେ ନୂତନ ଶିକ୍ଷାନୀତିରେ ଦକ୍ଷତା ବିକାଶ, ବହୁବିଧ ଶିକ୍ଷା ଏବଂ ବୃତ୍ତିଗତ ତାଲିମ୍ ଉପରେ ଗୁରୁତ୍ୱ ଦିଆଯାଇଛି । ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପି.ଏମ୍ ? ଉଷା ଯୋଜନା ଲାଗୁ କରାଯାଉଛି । ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇ.ସି.ଟି. ଆଧାରିତ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ସୁଯୋଗ ରହିଛି । ବର୍ତ୍ତମାନର ଯୁଗ ହେଉଛି ଦକ୍ଷତାର ଯୁଗ । ଏସବୁ ସୁଯୋଗର ସଦୁପଯୋଗ କରିବା ପାଇଁ ଶିକ୍ଷା ସହିତ ଉପଯୁକ୍ତ Skill Trainingର ଆବଶ୍ୟକତା ରହିଛି । ମୋର ଆପଣମାନଙ୍କୁ କହିବାର ଉଦ୍ଦେଶ୍ୟ ଯାହାକୁ ଯେଉଁ କ୍ଷେତ୍ର ଅଧିକ ଭଲ ଲାଗୁଛି ସେ କ୍ଷେତ୍ରରେ ମନୋନିବେଶ କରନ୍ତୁ, ସେ କ୍ଷେତ୍ରରେ ଦକ୍ଷତା ଅର୍ଜନ କରନ୍ତୁ । ଦେଖିବେ ସଫଳତା ନିଶ୍ଚୟ ମିଳିବ । ଦକ୍ଷତା ବିକାଶ ପାଇଁ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି । ନିଯୁକ୍ତି କ୍ଷେତ୍ରକୁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ସରକାରୀ ସ୍ତରରେ ୫ ବର୍ଷ ମଧ୍ୟରେ ୧.୫୦ ଲକ୍ଷ ପଦବୀ ପୂରଣ କରିବା ପାଇଁ ଆମେ ଯୋଜନା ରଖିଛୁ । କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନେକ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ହଜାର ହଜାର ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି । ବର୍ତ୍ତମାନ ସମୟରେ ଯୁବବର୍ଗଙ୍କ ପାଇଁ ଶିକ୍ଷା ସହିତ ଆଉ ଏକ ମୁଖ୍ୟ ଅଭିମୁଖ୍ୟ ରହିଛି କ୍ରୀଡ଼ା କ୍ଷେତ୍ର । ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି । କ୍ରୀଡ଼ା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ କ୍ରିକେଟ୍, ଭଲିବଲ୍, ଫୁଟବଲ୍ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଆମେ ଯୋଜନା ରଖିଛୁ । କ୍ରୀଡ଼ାର ବିକାଶ ପାଇଁ ପ୍ରତି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ Yes We Can ର ନାରା ଦେଇ କହିଥିଲେ ଯେ ନିଜର ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ତୁମେ ମାନେ ସଫଳତା ପାଇବ ଏବଂ ଏହି ମହାବିଦ୍ୟାଳୟରେ ପାଠ ପଢୁଥିବା ଏକ ସାଧାରଣ ଛାତ୍ର ମୋହନ ମାଝୀ ଭଳି ଦିନେ ନା ଦିନେ ଜୀବନରେ ସଫଳତାର ପାହାଚର ଶିଖରରେ ରହିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୯୯୩ ମସିହା ବ୍ୟାଚର ତାଙ୍କ ସ୍ନାତକ ପାଠ୍ୟକ୍ରମର ବନ୍ଧୁ ମାନଙ୍କ ସହିତ ମିଶିବା ସହିତ ସେମାନଙ୍କ ସହିତ କଥା ହୋଇ ପୁରୁଣା ଦିନର ସ୍ମୃତି ମନେ ପକାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ବିଧାୟକ, ପାଟଣା, ଅଖିଳ ଚନ୍ଦ୍ର ନାୟକ ଏବଂ ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଚମ୍ପୁଆ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ସ୍ୱାଗତଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଧନ୍ୟବାଦ ଦେଇଥିଲେ ।

## ଏସ୍‌ପିଙ୍କ ଘର ଆଗରେ ବୃଦ୍ଧଙ୍କୁ ବିଭତ୍ସ ହତ୍ୟା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଏସ୍‌ପି ଜି.ଆର୍ ରାଘବେନ୍ଦ୍ରଙ୍କ ସରକାରୀ ବାସଭବନ ଆଗରେ ଭୋରରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । କେହି ଜଣେ ଦୁର୍ବୃତ୍ତ ଜଣେ ବୃଦ୍ଧଙ୍କୁ ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଛି । ମୃତକ ହେଲେ, ଶୁକଲାଲ ସାହୁ (୮୦) । ତାଙ୍କ ଘର ସିର୍ଡୋଲ ବସ୍ତିରେ । ସେ ଭୋର୍ ପ୍ରାୟ ୪ଟାରେ ନିଜ ପତ୍ନୀଙ୍କ ସହ ମହୁଲ ଗୋଟାଇବାକୁ ଯାଉଥିବା ବେଳେ ଏହି ଅପରାଧିକ ଘଟଣା ଘଟିଛି । ପୋଲିସ୍ ଶବକୁ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ଜମିଜମା ବିବାଦ କିମ୍ବା ଗୁଣି ସନ୍ଦେହରେ ମଧ୍ୟ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି । ପୋଲିସ ସବୁ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚଳାଇଛି । ଅପରପକ୍ଷେ, ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଅଭିଯୁକ୍ତକୁ ଠାବ କରିବାକୁ ଉଦ୍ୟମ ଚଳାଇଛି । ସୂଚନାନୁସାରେ, ଏସ୍‌ପିଙ୍କ ସରକାରୀ ବାସଭବନ ଆଗରେ ଶୁକଲାଲଙ୍କ ଏକ ଚାଷ ଜମି ରହିଛି । ପ୍ରତିଦିନ ଭଳି ଶୁକଲାଲ ଓ ତାଙ୍କ ପତ୍ନୀ ଫୁଲେଶ୍ୱରୀ ମହୁଲ ଗୋଟାଇବାକୁ ଭୋର୍ ପ୍ରାୟ ୪ଟାରେ ଯାଉଥିଲେ । ଫୁଲେଶ୍ୱରୀ ଆଗରେ ଚାଲି ପଳାଇଥିବା ବେଳେ ଶୁକଲାଲ ପଛରେ ପଡ଼ିଯାଇଥିଲେ । ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଏକ ଧାରୁଆ ଅସ୍ତ୍ରରେ ଶୁକଲାଲଙ୍କ ମୁଣ୍ଡ ପଛପଟ ଓ କାନ୍ଧକୁ ଆକ୍ରମଣ କରିଥିଲା । ପାଟିତୁଣ୍ଡ ଶୁଣି ଏସ୍‌ପିଙ୍କ ଘର ଗେଟ୍ ସମ୍ମୁଖରେ ଥିବା ସୁରକ୍ଷା କର୍ମୀଜଣକ ବାହାରକୁ ଆସିବା ବେଳକୁ କଳା ଟି-ସାର୍ଟ ପିନ୍ଧିଥିବା ଜଣେ ଯୁବକ ସେଠାରୁ ଫେରାର୍ ହୋଇଯାଇଥିଲା । ଖବରପାଇ ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର ଓ ପରେ ଏସ୍‌ପି ଶ୍ରୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ମେଳା ଦେଖି ବାଇକ୍‌ରେ ଫେରୁଥିବା ବୀରମିତ୍ରପୁର ଥାନା ଅନ୍ତର୍ଗତ ଜଲଙ୍ଗବିରା ପଞ୍ଚାୟତ ତୁରୀ ବସ୍ତି ଅଞ୍ଚଳର ତିନି ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଶନିବାର ବୀରମିତ୍ରପୁର ଥାନା ଅନ୍ତର୍ଗତ ଜଲଙ୍ଗବିରା ପଞ୍ଚାୟତ ଘାସିଟୋଲା ଅଞ୍ଚଳର ଦିଲୀପ ସମାସୀ (୨୪), ସହରେଇ ଲାକ୍ରା (୨୦) ଏବଂ ଟୁରିଟୋଲା ଅଞ୍ଚଳର ଅଞ୍ଜଳି କୁସୁମା (୧୫) ଏକ ବାଇକ୍‌ରେ ବେଦବ୍ୟାସ ମେଳା ଦେଖିବା ପାଇଁ ଯାଇଥିଲେ । ମେଳା ଦେଖି ସାରି ରାତି ପ୍ରାୟ ସାଢେ ୧୧ଟାରେ ଘରକୁ ଫେରୁଥିବା ବେଳେ ବୀରମିତ୍ରପୁର ଥାନା ଅନ୍ତର୍ଗତ ଷ୍ଟେସନ୍ ଛକ ଚୁଙ୍ଗୀଗେଟ୍ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ ମୋଡ଼ାଣି ନିକଟରେ ସମ୍ମୁଖ ପଟୁ ଆସୁଥିବା କୌଣସି ଏକ ଗାଡ଼ି ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ସ୍ଥାନୀୟ କେତେକ ଲୋକ ଦୁର୍ଘଟଣା ବିଷୟରେ ଖବରପାଇ ବୀରମିତ୍ରପୁର ଥାନା ଓ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦିଲୀପ ସମାସୀ ଓ ସହରେଇ ଲାକ୍ରାଙ୍କର ମୃତ୍ୟୁ ଘଟିସାରିଥିଲା । ଅଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ରବିବାର ସ୍ଥାନୀୟ ପୋଲିସ ତିନି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣା ପରେ ଜଲଙ୍ଗବୀର ପଞ୍ଚାୟତ ଘାଷିଟୋଲା ଏବଂ ଟୁରି ଟୋଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## କଟ୍‌ନୀ ଛଟ୍‌ନୀ ବନ୍ଦ ଦାବିରେ କୃଷକ ସଂଗଠନର ଧାରଣା ଜାରି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଧାନମଣ୍ଡିରେ ବ୍ୟାପକ ବେଆଇନ୍ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ପ୍ରତିବାଦରେ ୧୫ ତାରିଖ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗଣଧାରଣା ୧୪ ଦିନରେ ପହଞ୍ଚିଛି । ଏହି ଚାଷୀଙ୍କ ସମସ୍ୟାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲାଗସ୍ତରେ ଆସିଥିବା ସମୟରେ ସଂସ୍କୃତି ଭବନ ପରିସରରେ ନବନିର୍ମାଣ କୃଷକ ସଂଗଠନ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଚାଷୀଙ୍କୁ ଅଖା ଯୋଗାଣ ନଦେବା, ଗାଡିର ଅଭାବ ପାଇଁ ମଣ୍ଡିରେ ଧାନ ପଡିରହିବା, ମିଲରଙ୍କ ମନମାନି ସାଙ୍ଗକୁ ଚଳିତ ବର୍ଷର ଧାନ ସଂଗ୍ରହରେ ବ୍ୟାପକ ହରିଲୁଟ୍ ଲାଗିରହିଥିବା ଦର୍ଶାଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଅପରପକ୍ଷରେ କଟ୍‌ନୀ ଛଟ୍‌ନୀ ହେବନାହିଁ ବୋଲି ବିଜେପି ବାହାସ୍ଫୋଟ ମାରୁଥିଲା ବେଳେ ବାସ୍ତବରେ କିନ୍ତୁ ମିଲର ଓ ସମ୍ପାଦକମାନଙ୍କ ମଧୁଚନ୍ଦ୍ରିକା ପାଇଁ ଚାଷୀମାନେ ବଳି ପଡୁଛନ୍ତି । ମଣ୍ଡିରେ ମିଲର ମାନେ ନିର୍ଭିକ ଭାବେ କ୍ୱିଣ୍ଟାଲ୍ ପିଛା ୫/୧୦ କେଜି ଧାନ କାଟି ନେଉଥିଲେ ମଧ୍ୟ ସରକାର ଏ କଥାକୁ ଅସ୍ୱୀକାର କରିବାରେ ଲାଗିଛି ଯାହାକି ବିଜେପି ସରକାରର ଛଳନା ପ୍ରମାଣିତ ହେଉଛି । ଚାଷୀର ଭଲ ଧାନକୁ ମିଲର ଖରାପ ଧାନ କହି ଚାଷୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି ଏବଂ ଚାଷୀର ଅସହାୟତାର ସୁଯୋଗ ନେଇ କ୍ୱିଣ୍ଟାଲ ପିଛା ୫/୧୦ କେଜି ଧାନ କାଟ୍ ଦେବାକୁ ବାଧ କରୁଛି । ଚାଷୀଙ୍କ ଠାରୁ ଧାନ କାଟ୍ ନେବା ପ୍ରକ୍ରିୟାରେ ପ୍ରଶାସନ ମଧ୍ୟ ସଂପୂର୍ଣ୍ଣ ଭାବେ ସାମିଲ୍ ରହି ମିଲର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛି । ଧାନ ବିକ୍ରି ନହେବା ଭୟରେ ଚାଷୀ, ମିଲରକୁ ଧାନ କାଟ୍ ଦେବା ପାଇଁ ବାଧ ହେଉଥିବା ବେଳେ ସରକାର କହୁଛନ୍ତି ଚାଷୀମାନେ ୮୦୦ ଟଙ୍କା ଅତିରିକ୍ତ ସହାୟତା ପାଇ ଖୁସି ଅଛନ୍ତି ।

## ଖୋଲୁଛି ବେନାମୀ ଆକାଉଣ୍ଟ, ବଢୁଛି ଅପରାଧ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ରାଇମବ୍ରାଞ୍ଚ ଏବଂ ପୋଲିସ ପାଇଁ ଚିନ୍ତା ବଢ଼ାଇଛି ବେନାମୀ ଆକାଉଣ୍ଟ । ସାଇବର ଠକେଇ ଠାରୁ ଆରମ୍ଭ କରି ଦାଦାବଟି ସବୁ ଟଙ୍କା ଏହି ବେନାମୀ ଆକାଉଣ୍ଟସ୍ ସାଇବର ଠକେଇ ଠାରୁ ଆରମ୍ଭ କରି ଦାଦାବଟି ସବୁ ଟଙ୍କା ଏହି ବେନାମୀ ଆକାଉଣ୍ଟ ମାଧ୍ୟମରେ ହେଉଛି । ଗରିବ ଏବଂ ଦିନ ମଜୁରିଆଙ୍କ ପରିଚୟପତ୍ର ନେଇ ଖୋଲାଯାଉଛି ଦୂଳାପୂଳା ବେନାମୀ ଅକାଉଣ୍ଟ । ପ୍ରତି ଆକାଉଣ୍ଟ ପିଛା ଦଲାଲ ନେଉଛନ୍ତି ୩ରୁ ୫ ହଜାର ଟଙ୍କା । ଏହି ବେନାମୀ ଆକାଉଣ୍ଟ ନେଉଛନ୍ତି ସାଇବର ଠକ, ପାକିସ୍ତାନ ଏଜେଣ୍ଟ, ଗ୍ୟାଙ୍ଗଷ୍ଟର୍ ଏବଂ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ । ସେମାନେ ଏହି ଆକାଉଣ୍ଟ ମାଧ୍ୟମରେ କଳାଧନ ରଖିବା ସହ ଏଥିରୁ ଧୀରେ ଧୀରେ ଟଙ୍କା ବାହାର କରି ଖର୍ଚ୍ଚ କରୁଛନ୍ତି । ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ଏକାଧିକ ସରକାରୀ ଅଫିସରଙ୍କ ନିକଟରୁ ଏକାଧିକ ବେନାମୀ ଆକାଉଣ୍ଟ ଠାବ କରାଯାଇଥିଲା । ଏହି ବେନାମୀ ଆକାଉଣ୍ଟ ମାଧ୍ୟମରେ କୋଟି କୋଟି ଟଙ୍କା ରଖାଯାଇଥିଲା । ନିଜ ଘରେ କାମ କରୁଥିବା ଡ୍ରାଇଭର ଏବଂ ଅନ୍ୟ ଶ୍ରମିକଙ୍କ ନାମରେ ଆକାଉଣ୍ଟ ଖୋଲି ସେଥିରେ ଟଙ୍କା ରଖିଥିଲେ । ମୁମ୍ବାଇରୁ ଇଓଡବ୍ଲ୍ୟୁ ଗିରଫ କରିଥିବା ଜଣେ ଗ୍ୟାଙ୍ଗଷ୍ଟର ମଧ୍ୟ ଏହି ବେନାମୀ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଆଣୁଥିଲେ । ଆଇପିପିବି (ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍)ରେ ସର୍ବାଧିକ ବେନାମୀ ଆକାଉଣ୍ଟ । ଆଦିବାସୀ ଏବଂ ଦିନ ମଜୁରିଆଙ୍କୁ ସରକାରୀ ସ୍କିମ୍‌ରେ ସାମିଲ୍ କରିବାକୁ କହି ଡକ୍ୟୁମେଣ୍ଟ ନେଉଛନ୍ତି । ଆଉ ଏହି ଡକ୍ୟୁମେଣ୍ଟ ମାଧ୍ୟମରେ । ପୋଷ୍ଟାଲ୍‌ରେ ସର୍ବାଧିକ ଆକାଉଣ୍ଟ ଖୋଲାଯାଉଛି । ପରେ ଏହି ଆକାଉଣ୍ଟ ଗୁଡ଼ିକରେ ଠକ୍ ନିଜ ପ୍ରି-ଆକ୍ଟିଭ୍ ସିମ୍ ଯୋଡ଼ି ୟୁପିଆଇ ଟ୍ରାଞ୍ଜାକ୍ସନ୍ ଖୋଲୁଛନ୍ତି । ପରେ ଏହି ଆକାଉଣ୍ଟକୁ ୩ରୁ ୫ହଜାର ଟଙ୍କାରେ ଅପରାଧୀମାନଙ୍କୁ ବିକ୍ରି କରୁଛନ୍ତି । ନ୍ୟୁଜ୍ କଲ୍ ଓ ବ୍ଲାକ୍‌ମେଲିଂ ଟଙ୍କା ଏହି ବେନାମୀ ଆକାଉଣ୍ଟକୁ ଆସୁଛି । ନିକଟରେ ତାମିଲନାଡୁର ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିଲା । ଠକାମୀର ଶିକାର ହୋଇଥିବା ବ୍ୟକ୍ତି ଟଙ୍କା ପଠାଇଥିବା ଆକାଉଣ୍ଟର ଖୋଳତାଡ଼ କରି ନବରଙ୍ଗପୁରରେ ପହଞ୍ଚିଥିଲେ । ସେଠାରେ ଖୋଳତାଡ଼ କରିବା ପରେ ଏହି ଫେକ୍ ପୋଷ୍ଟାଲ୍ ଆକାଉଣ୍ଟ ସମ୍ପର୍କରେ ଜଣାପଡ଼ିବା ପରେ ଇଓଡବ୍ଲ୍ୟୁକୁ ଜଣାଇଥିଲେ । ଇଓଡବ୍ଲ୍ୟୁ ଏନେଇ ଏକ ମାମଲା ରୁଜୁ କରି ଟିମ୍ ଗଠନ କରି ଏହାର ତଦନ୍ତ ଆରମ୍ଭ କରିଥିଲା । ପୋଷ୍ଟାଲ୍ ଆକାଉଣ୍ଟ ଥିବା ୪ ଜଣ ବ୍ୟକ୍ତିଙ୍କୁ ଇଓଡବ୍ଲ୍ୟୁ ଏବଂ ସ୍ଥାନୀୟ ପୋଲିସ ଉଠାଇ ଆଣି ପଚରାଉଚରା କରିବା ପରେ ଏହି ବେନାମୀ ଆକାଉଣ୍ଟ ସମ୍ପର୍କରେ ଜଣାପଡ଼ିଥିଲା ।

## ଟ୍ରକ୍-କାର୍ ଧକ୍କା:ଜଣେ ମୃତ, ୨ ଗୁରୁତର

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**



ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ଗାଁର ତିନି ଜଣ ଏକ କାର୍ ଯୋଗେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌କୁ ଯାଉଥିବା ବେଳେ ୨୬ ନମ୍ବର ଜାତୀୟ ରାଜପଥ ଲାଣ୍ଡିଗୁଡ଼ା ଡିଏଭି କଲେଜ୍ ନିକଟରେ ଦୁର୍ଘଟଣାର ଶିକାର ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌ରେ ଚିକିତ୍ସିତ ହେଉଥିବା ବେଳେ ଆଉ ଜଣକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ମୃତକ ଜଣକ ହେଲେ ସାୟେଡ ହାନିଫ (୩୨) । ଗୁରୁତର ହେଲେ ମୃତ ହାନିଫର ମାଉସୀ ସାବେରା ବିବି (୪୨) ଓ ଜଣେ ସମ୍ପର୍କୀୟା ହାଜରା ବିବି (୫୦) । ହାନିଫଙ୍କ ସ୍ତ୍ରୀର ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଅରେ ଜନ୍ମ ହେବାପରେ ଶିଶୁ ଦୁର୍ବଳ ଯୋଗୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲା । ଆମ୍ବୁଲାନ୍ସ ପଛେ ପଛେ ହାନିଫ ନିଜ କାର୍ ଯୋଗେ ନିଜ ମାଉସୀ ଓ ସମ୍ପର୍କୀୟା ସହ ଯାଉଥିବା ବେଳେ ଲାଣ୍ଡିଗୁଡା ନିକଟରେ ଏକ ଟ୍ରକ୍ ସହ ମୁହାମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ଦବିଯାଇ ଏହି ତିନି ଜଣ କାର୍ ଭିତରେ ରହିଯାଇଥିଲେ । ପରେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ହାନିଫଙ୍କୁ ମୃତ ଘୋଷଣା କରିଥିଲେ । ସାବେରା ବିବିଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତରଣ ହୋଇଛି । ହାଜରା ବିବିଙ୍କ ଚିକିତ୍ସା କୋରାପୁଟରେ ଚାଲିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଥିଲା । ଏହି ମୃତ୍ୟୁ ଖବର ନନ୍ଦପୁର ଅଞ୍ଚଳରେ ପ୍ରଚାର ହେବା ପରେ ଶୋକର ଛାୟା ଖେଳିଯାଇଥିଲା । ଶୋକାକୁଳ ପରିବେଶ ମଧ୍ୟରେ କବ୍ରିସ୍ତାନ୍‌ରେ ତାଙ୍କର କବର୍ ଦିଆଯାଇଥିଲା ।

## ଜଙ୍ଘରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କିଥିବା ବିଦେଶିନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମସ୍ତେ ଆରାଧ ଭାବେ ପୂଜା କରି ଆସୁଥିବାବେଳେ ଜଣେ ବିଦେଶିନୀଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଚିତା କୁଟାଯିବା ଏବଂ ସାମାଜିକ ଗଣମାଧ୍ୟମରେ ଏହା ପ୍ରଘଟ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ଘଟଣାକୁ କିଛି ଜଗନ୍ନାଥ ପ୍ରେମୀ ତୀବ୍ର ବିରୋଧ କରିବା ସହ ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି । ପୋଲିସ ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଏହି ଖବର ଜଣାପଡ଼ିବା ପରେ ସୁବ୍ରତ କୁମାର ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘଟଣାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ସହିଦନଗର ଅଞ୍ଚଳର ଏକ ଟାଟୁ ଆର୍ଟ ଦୋକାନ ପକ୍ଷରୁ ବିଦେଶିନୀଙ୍କ ଜଙ୍ଘରେ ଚିତା କୁଟାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିବା ବେଳେ ଏନେଇ ଅଧିକ ତଦନ୍ତ କରାଯାଉଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ବୃ / ୫ଶି | ୩ଚ | ଚନ୍ଦ୍ରଗୁରୁ / ରଶ୍ମଲ |
| ୬ | ୨ / ୧ | ୧୨ |
| ୭ / ୮କେ | ୯ | ୧୧ / ୧୦ |


**ମେଷ:** ପରୋପକାରୀ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମନ ଭଲ ରହିବ ।


**ବୃଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ନୂତନ କର୍ମାରମ୍ଭ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୂଚନା ।


**କର୍କଟ:** ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ଅସହଯୋଗ ଦେଖାଦେବ । ମନ ଅସ୍ଥିର ରହିବ ।


**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ ।


**କନ୍ୟା:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ନୂତନ ବନ୍ଧୁ ଦର୍ଶନ ।


**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ । ରୋଜଗାର ଭଲ ହେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଶତ୍ରୁ ନାଶ ହେବେ । ଗୃହେ ଆନନ୍ଦ ଲାଭ ହେବ । ଦେହ ଭଲ ରହିବ ।


**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।


**ଧନୁ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ଘରେ ଶାନ୍ତିର ବାତାବରଣ ରହିବ । ଆୟ ଓ ବ୍ୟୟ ସମାନ ରହିବ । ଦେବ ଦର୍ଶନ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପରୋପକାର କରିବେ ।


**ମକର:** ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଶାନ୍ତି ଲାଭ ।


**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ରୋଜଗାର ମଧ୍ୟମ ଧରଣର ହେବ । ପିଲାମାନେ ଖେଳକୁଦରେ ମାତିବାର ସୂଚନା ।


**ମୀନ:** ଅନେକ ଦିନର ଆଶା ଅଭିଳାଷ ଆପଣଙ୍କର ପୂର୍ଣ୍ଣ ହେବ । ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ମନ ଭଲ ରହିବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୩।୨୦୨୫, ଫାଲ୍ଗୁନ ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୦୫।୦୩ **ଚନ୍ଦ୍ରୋଦୟ-** ଦିଘ ୮।୫୮।୦୬

**ପଞ୍ଚମୀ-** ଦିଘ ୩।୧୭ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ଦିଘ ୨।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୩।୧୭ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୪ ଗତେ ଘ ୧୦।୪୮ ମଧ୍ୟେ, ଦିଘ ୪।୨୧ ଗତେ ଘ ୫।୦୨ ମଧ୍ୟେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୩।୨୦୨୫, ଫାଲ୍ଗୁନ ଦି୨୧ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୬।୦୪।୧୬ **ଚନ୍ଦ୍ରୋଦୟ-** ଦିଘ ୯।୪୫।୦୯

**ଷଷ୍ଠୀ-** ଦିଘ ୧୨।୫୧ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ରାଘ ୧।୦୯ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଦିଘ ୮।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୮।୧୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୮।୧୩ ପରେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୧୨।୫୧ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୭ ଗତେ ଘ ୭।୪୦ ମଧ୍ୟେ, ଦିଘ ୧।୫୫ ଗତେ ଘ ୫।୦୨ ମଧ୍ୟେ ।





# ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ ହୁଏ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇପାରିବ। ମାନବ ଶରୀର, ୫ଟି ମୌଳିକ ତତ୍ତ୍ୱ ଯଥା- ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ସହିତ ଆତ୍ମାର ସଂଯୋଗରେ ନିର୍ମିତ ହୋଇଥାଏ । ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ, ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର କାଳୀ ପଡିଆ ଠାରେ ଆୟୋଜିତ ହେଉଥିବା ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳାର ଚତୁର୍ଥ ସନ୍ଧ୍ୟାର ସମାରୋହରେ ଯୋଗଦେଇ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି । ଆହୁରିମଧ୍ୟ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସହିତ ଆୟୁର୍ବେଦର ସମ୍ପର୍କକୁ ଅବତାରଣା କରିବାକୁ ଯାଇ ପ୍ରଭୁ ଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମାରେ ହେଉଥିବା ଜ୍ୱର ଓ ଚେରମୂଳି ଲାଗି ନୀତିକାନ୍ତି ଏବଂ ରାମାୟଣର ଲକ୍ଷ୍ମଣଙ୍କ ଆରୋଗ୍ୟ ଲାଭ ପାଇଁ ବିଶଲ୍ୟକରଣୀର ଉପଯୋଗର କିମ୍ବଦନ୍ତୀକୁ ବଖାଣିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାରମ୍ପରିକ ସ୍ୱାସ୍ଥ୍ୟ ବିଜ୍ଞାନ ଯୋଗ, ଆୟୁର୍ବେଦ ଓ ପ୍ରାକୃତିକ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଥିବାରୁ ଓ ତାଙ୍କ ଉଦ୍ୟମରେ ପ୍ରତି ବର୍ଷ ଜୁନ୍ ୨୧ ତାରିଖକୁ ସାରା ବିଶ୍ୱରେ ଯୋଗ ଦିବସ ଭାବେ ଖୁବ୍ ଉତ୍ସାହର ସହିତ ପାଳନ କରାଯାଉଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସରକାର ଆୟୁର୍ବେଦ ଏବଂ ପାରମ୍ପରିକ ଔଷଧୀୟ ଚିକିତ୍ସାକୁ ପ୍ରୋତ୍ସାହିତ କରିବା ପାଇଁ ଗବେଷଣାରେ ଅଧିକ ନିବେଶ କରୁଥିବା ଓ ଔଷଧୀୟ ଉଦ୍ଭିଦ ଚାଷରେ ସ୍ଥାନୀୟ ଚାଷୀମାନଙ୍କୁ ସହାୟତା ପ୍ରଦାନ କରି ଆୟୁର୍ବେଦିକ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ଭିତ୍ତିଭୂମି ବୃଦ୍ଧି କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଡିଆଇଜି ବ୍ରିଜେଶ କୁମାର ରାଏ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଏବଂ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଉପସ୍ଥିତ ଥିଲେ । ଏହି ଅବସରରେ ବନ ବିଭାଗର ଏକ ନୂତନ ୱେବ୍‌ସାଇଟ୍ ଉନ୍ମୋଚନ କରାଯାଇଥିଲା ।



# ନନ୍ଦପୁର ବ୍ଲକର କାର୍ଯ୍ୟ ନେଇ ବିଧାୟକ କ୍ଷୁବ୍ଧ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଧାୟକ ଓ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ରୁଦ୍ଧ ଦ୍ୱାର ବୈଠକକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଧାୟକ ରାମଚନ୍ଦ୍ର କାଡ଼ାମ ଅସନ୍ତୋଷ ପ୍ରକାଶ କରି ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରାଗି ଯାଇଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସବୁ ମନ ଇଚ୍ଛାରେ ବା ବିନା ଏଷ୍ଟିମେଟ୍ ଏବଂ ନଥିପାତ୍ର ପ୍ରସ୍ତୁତ ନକରି କାମ ଆରମ୍ଭ କରିବା ପାଇଁ ଠିକାଦାର ମାନଙ୍କୁ ନିଯୁକ୍ତ କରୁଥିବାକୁ ନେଇ ବିଧାୟକ ନିନ୍ଦା କରିବା ସହ ତାଗିଦ୍ କରିଥିଲେ। ଯାହାକୁ ନେଇ ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଏଥିସହ ଯାହାବି ଉନ୍ନୟନ କାର୍ଯ୍ୟ ବ୍ଲକ ମାଧ୍ୟମରେ କରାଯିବ ନିର୍ମାଣ କାମ ହେଉ କିମ୍ବା ଉନ୍ନୟନ ମୂଳକ କାମ ୨୩ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ/ ସଭ୍ୟାମାନଙ୍କର ଜାଣତରେ କରାଯିବା ଦରକାର। ତାହାର ମାନ ଠିକ୍ ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଖିଲାପ୍ କଲେ କିମ୍ବା ଅଭିଯୋଗ ଆସିଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏବଂ ଯେଉଁ ଜିଆଇଏ ଫଣ୍ଡ ହେଉ ଅବା ବ୍ଲକ୍ ଫଣ୍ଡ କାର୍ଯ୍ୟରେ ଯଦି ସରପଞ୍ଚ/ ସମିତି ସଭ୍ୟ ମାନେ ହସ୍ତକ୍ଷେପ କରିଥିବେ ସେଥିରେ ମୁଁ ରେକମେଣ୍ଡେସନ୍ କରିବି ନାହିଁ ବୋଲି ନିଜେ ବିଧାୟକ କହିଛନ୍ତି। ଏହାକୁ ନେଇ ବ୍ଲକ କର୍ମଚାରୀ ଓ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ବୈଠକରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତୁଲ୍, ବିଧାୟକ ରାମଚନ୍ଦ୍ର କାଡାମ୍, ବ୍ଲକ୍ ଉପାଧକ୍ଷ ଗୋପାଳ ହନ୍ତାଲ, କଂଗ୍ରେସ୍ ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ସାଂସଦ ପ୍ରତିନିଧି ଗୋପାଳ ମାଟାମ ସହ ୨୩ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ / ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କ ନିଷ୍ପତିକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଯଦି ବ୍ଲକ୍ କାର୍ଯ୍ୟ ଏବଂ ଜିଆଇଏ କାର୍ଯ୍ୟକୁ ବିଧାୟକ ହସ୍ତକ୍ଷେପ କରନ୍ତି ତାହାହେଲେ କୌଣସି ସରପଞ୍ଚ କିମ୍ବା ସମିତି ସଭ୍ୟ ବ୍ଲକ ପଞ୍ଚାୟତ ସମିତି ବୈଠକରେ ଅନୁପସ୍ଥିତ ରହିବେ ବୋଲି ଏକା ସ୍ୱରରେ ବିଧାୟକଙ୍କୁ କହିଥିବା ସୂଚନା ମିଳିଛି। ବିଧାୟକ ଦେଇଥିବା ପ୍ରତିଶ୍ରୁତି କେତେ କାର୍ଯ୍ୟକାରି ହେଉଛି ତାହା ଦେଖିବାକୁ ବାକି ରହିଛି ।



# ଜଳେଶ୍ୱରରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ପ୍ରଶାସନ ସ୍ତରରେ ଏକ ଅଦଳ ବଦଳ ହୋଇଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନାଧିକାରୀ ଭାବେ ଜୟନ୍ତ କୁମାର ବେହେରାଙ୍କୁ ଅବସ୍ଥାପିତ କରାଯାଇଛି । ପୂର୍ବରୁ ଜଳେଶ୍ୱର ଥାନାଧିକାରୀ ଭାବେ ରଞ୍ଜନ କୁମାର ସେଠୀଙ୍କୁ ଭଦ୍ରକ ଥାନାର ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀ ବେହେରା



ବାଲେଶ୍ୱର ସହଦେବଖୁଣ୍ଟା ଥାନାରେ ଥାନା ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିବା ସହିତ ଲୋକଙ୍କୁ ଉତ୍ତମ ବ୍ୟବହାର ସାଂଗକୁ ଆଇନ୍ ଶୃଙ୍ଖଳା ଉପରେ ତୀକ୍ଷ୍ଣ ନଜର ଦିଅନ୍ତି ବୋଲି ସବୁଠାରେ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉକି ସାଧାରଣ ଲୋକଙ୍କ କହିବା ମୁତାବକ ଥାନାକୁ ଅଭିଯୋଗ ଦେବା ପାଇଁ ଆସୁଥିବା ବ୍ୟକ୍ତିମାନେ ବହୁ ସମୟରେ ଦଲାଲଙ୍କ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଏ ବୋଲି ଦୋକାନ ବଜାରରେ ଆଲୋଚନା ହେଉଛି। ତେଣୁ ଶ୍ରୀ ବେହେରା ଥାନା ଭିତରେ ମେଳା ମେଳା ହୋଇ ବୁଲୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦଲାଲ୍ ମୁକ୍ତ କରିବା ସହିତ ସାଧାରଣ ଲୋକଙ୍କୁ ନ୍ୟାୟ ଦେବେ ବୋଲି ଆସ୍ଥା ପ୍ରକଟ କରିଛନ୍ତି। ତେବେ ଜଳେଶ୍ୱର ଅଞ୍ଚଳରେ ଭାଇଚାରା ସାଂଗକୁ ଶାନ୍ତି ଶୃଙ୍ଖଳା ବଜେଇ ରଖିବା ସହିତ ଧନଜୀବନ ଛିନ୍‌ତାଇ, ନିଶା ଦ୍ରବ୍ୟ (ବ୍ରାଉନ୍ ସୁଗାର)କୁ ରୋକ୍ ଲଗେଇବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ତାଛଡା ବିଭିନ୍ନ ପ୍ରକାର ଘଟଣାକୁ ରୋକ୍ ଲଗେଇବା ସହିତ ତୀକ୍ଷ୍ଣ ନଜର ଦେବେ ବୋଲି କହିଛନ୍ତି ।

# ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍ ଉପରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ସାହାଗେଷ୍ଟ ହାଉସ୍‌ର ସମ୍ମିଳନୀ କକ୍ଷରେ ଜିଲ୍ଲାର ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାର ବିଜେପି ସଭାପତି ବେଣୁଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ବିଜେପିର ପୂର୍ବତନ ସଭାପତି ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଉଷାକୁମାରୀ, ରାଜକିଶୋର ମେଣ୍ଡିଲି, ସୋନପୁର କଲେଜ ପ୍ରାକ୍ତନ ଅଧକ୍ଷ ଡଃ କେଦାରନାଥ ମିଶ୍ର ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟର ବଜେଟ୍‌ର ବିଭିନ୍ନ ଜନହିତକର ଦିଗ ଉପରେ ଆଲୋଚନା କରିଥିଲେ। ବାସ୍ତବିକ୍ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ଆଣିଥିବା ବଜେଟ୍ ପ୍ରକୃତରେ ଲୋକଙ୍କ ବିକାଶକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ହୋଇଥିବା ସମସ୍ତେ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ସହରର ସଚେତନ ନାଗରିକ କମିଟି, ବଣିକ ସଂଘ, କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘ ଓ ଅନେକ ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଇନଜୀବୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ଆଇନଜୀବୀ ମଧୁସୂଦନ ପ୍ରଧାନ, ସିତାଂଶୁ ଶେଖର ମିଶ୍ରଙ୍କ ସହ ଅନେକ ବୁଦ୍ଧିଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଜେଟ୍‌କୁ ନେଇ ଜନସାଧାରଣଙ୍କ ସହ ରାଜନେତା ମାନଙ୍କ ଏହିପରି ଖୋଲା ଆଲୋଚନାକୁ ସମସ୍ତେ ଖୁବ୍ ପ୍ରଶଂସା କରିଥିବା ବେଳେ ସମୃଦ୍ଧ ଓଡ଼ିଶା ବିକଶିତ ଓଡ଼ିଶା ଗଠନ ସହ ଆଗକୁ ଏହି ସରକାର ବାସ୍ତବିକ୍ ଲୋକଙ୍କ ସରକାର ବୋଲି ଅନେକେ ମତବ୍ୟକ୍ତ କରିଥିବା ଦେଖାଯାଇଥିଲା ।

# ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ନେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ପୌରପାଳିକା ସ୍ଥିତ ଗରିଆପର ୟୁ.ଜି.ୟୁ.ପି. ସ୍କୁଲ୍‌ରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବିଜ୍ଞାନ ଓ ଗଣିତ କ୍ଲବର ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଶିକ୍ଷା ମଣ୍ଡଳର ଏ.ବି.ଇ.ଓ ନିର୍ମଳ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ଯୁଣଭଦ୍ରା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ରୂପେ ଜାତୀୟ ଶିଶୁ ବିକାଶ କଂଗ୍ରେସର ଜିଲ୍ଲା ସଂଯୋଜକ ତଥା ଦଶରଥପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଜାତୀୟ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ଓ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ କ୍ଲବର ଉପଯୋଗିତା ବିଷୟରେ ବକ୍ତବ୍ୟ ରଖିଥିଲେ । ବି.ଡି. ହାଇସ୍କୁଲ୍‌ର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ରାଉଳ ଓ ସୁକେଶିନୀ ବାରିକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ବିଜ୍ଞାନ ଓ ଗଣିତ କ୍ଲବ ଦ୍ୱାରା ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀର ମୂଲ୍ୟାୟନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ସଇଦୁଜ୍ ଜମାନ ଅନ୍ୟତମ ଅତିଥି ରୂପେ ବିଜ୍ଞାନ ଓ ଗଣିତର ବିଭିନ୍ନ ଉପାଦେୟତା ବୁଝାଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ବାରିକ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ବିଷ୍ଣୁ ପ୍ରସାଦ ବାନାର୍ଜୀ, ସମ୍ବିଦ ମୁଦୁଲି, ତାପସ କୁମାର ପତି, ଶିକ୍ଷୟିତ୍ରୀ ସୁମିତ୍ରା ରାଉଳ, ରୀନା ବେହେରା ଓ ଶିବାନୀ ସିଂ ବିଜ୍ଞାନ ଗଣିତ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ମଞ୍ଚାସିନ ବ୍ୟକ୍ତିବୃନ୍ଦ ପ୍ରକଳ୍ପ ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ସଫିଉର୍ ରହେମାନ୍ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳିତ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ପ୍ରଶାସନ କେନ୍ଦୁଝର ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏକ ହୁଇଲ୍ ଚେୟାର ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରଭୂ କଲ୍ୟାଣ ଦାସ, ଫିରୋଜ ଖାଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



# ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଅଭିନେତା ସୁପରଷ୍ଟାର୍ ଉତ୍ତମ ମହାନ୍ତିଙ୍କ ଅବର୍ତ୍ତମାନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ପ୍ରଶାନ୍ତ ପାଣି, ମୁଖ୍ୟ ବକ୍ତା ଭାବରେ ସତୀର୍ଥ ସମ୍ପାଦକ ମନ୍ମଥ ବରାଳ, ସମ୍ମାନୀତ ଅତିଥି ଭାବରେ ବାଣୀବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡା, କବି ଅମର ପ୍ରସାଦ ରାଉତ, ଗଗନ ବିହାରୀ ଜେନା ପ୍ରମୁଖ ଯୋଗଦେଇ ଉତ୍ତମ ମହାନ୍ତିଙ୍କୁ ସର୍ବୋତ୍ତମ କଳାକାର ଭାବରେ ବର୍ଣ୍ଣନା କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତିଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅଜୟ ମହାନ୍ତି ଏବଂ ପ୍ରଫେସର ପ୍ରଶାନ୍ତ ଉତ୍ତମ ଅଭିନୟ କରିଥିବା ସିନେମା ଗୀତ ଗାଇଥିଲେ। ଶେଷରେ ଶ୍ରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଏକ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ବିଦାୟୀ ନିର୍ଦ୍ଦେଶକ ଶ୍ରୀ ସାମଲଙ୍କୁ ଅବସକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରାୟ ଦୁଇ ବର୍ଷର ଅବଧି ଭିତରେ ନିର୍ଦ୍ଦେଶକ ଶ୍ରୀ ସାମଲ ଲୋକସମ୍ପର୍କ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହିତ ଅଧିକାରୀ ଓ କର୍ମଚାରୀ ମାନଙ୍କର ଅତ୍ୟନ୍ତ ପ୍ରିୟଭାଜନ ଥିଲେ ବୋଲି ଅବସରକାଳୀନ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ସଭାପତିତ୍ୱ କରିବା ସହିତ ବିଦାୟୀ ନିର୍ଦ୍ଦେଶକଙ୍କ କାର୍ଯ୍ୟଧାରା ଓ ଗୁଣାବଳୀ ଉପରେ ଆଲୋକପାତ କରି କହିଲେ ଯେ ମାତ୍ର ଦୁଇ ବର୍ଷର ଚାକିରୀ ଜୀବନ ଭିତରେ ସେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ଓଆଇଏସ୍ କ୍ୟାଡର ପୁନର୍ଗଠନ ସହ ବିଭାଗର ପଦବୀ ସଂଖ୍ୟା ବୃଦ୍ଧି ଦିଗରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ସେହିଭଳି ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନୂଆପଡା ବିଦ୍ୟାପତି ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ନିର୍ଦ୍ଦେଶକ ଶ୍ରୀ ସାମଲଙ୍କ କର୍ମମୟ ଜୀବନ ଏବଂ ବିଭାଗରେ ତାଙ୍କ ସହିତ କାର୍ଯ୍ୟ କରିବାର ମଧୁର ଅନୁଭୂତି, କାର୍ଯ୍ୟ ଦକ୍ଷତା, ସହକର୍ମୀଙ୍କ ପ୍ରତି ଥିବା ସହଯୋଗ ଓ ଆତ୍ମୀୟତା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବହୁ ପ୍ରତିଭାଧାରୀ, ସୁବକ୍ତା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଭାବେ ଶ୍ରୀ ସାମଲ ବେଶ୍ ପରିଚିତ । ଜଣେ କର୍ତ୍ତବ୍ୟନିଷ୍ଠ, ବିଚାରଶୀଳ ସର୍ବୋପରି ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତା ପାଇଁ ଏ ବିଭାଗ ତାଙ୍କୁ ସବୁଦିନ ପାଇଁ ମନେ ରଖିବ । ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ମତ ରଖିଥିଲେ । ଏହି ଅବସରରେ ଶ୍ରୀ ସାମଲ ନିଜ ବକ୍ତବ୍ୟ ପ୍ରଦାନ କରି କହିଲେ କର୍ମ ମଣିଷକୁ ସୁସ୍ଥତା ପ୍ରଦାନ ସହ ଶାନ୍ତି ପ୍ରଦାନ କରିଥାଏ । ଆଉ ସରକାରୀ ଚାକିରୀ ସାଧାରଣ ଲୋକଙ୍କୁ ସେବା କରିବାର ଏକ ସୁଯୋଗ ପ୍ରଦାନ କରିଥାଏ । ତେଣୁ ସେବା ମନୋବୃତ୍ତି ନେଇ ନିଜର କର୍ମମୟ ଜୀବନ ସବୁବେଳେ ଆନନ୍ଦ ଦାୟକ ବୋଲି ସେ କହିଥିଲେ । ଏଥି ସହିତ ଶ୍ରୀ ସାମଲ ନିଜର ଛାତ୍ରଜୀବନ ଏବଂ ସରକାରୀ ଚାକିରୀ ଜୀବନର ଯାତ୍ରା ବିଷୟରେ କହିବା ସହ ପିତା ମାତାଙ୍କ ଆଶୀର୍ବାଦ ମଣିଷକୁ କେତେ ଉଚ୍ଚ ସ୍ତରକୁ ନେଇ ପାରେ ସେ ବିଷୟରେ କହିଥିଲେ । ଏହି ଅବସରରେ ସଭାରେ ଅନେକ ବୁଦ୍ଧିଜୀବୀ ଏବଂ ବରିଷ୍ଠ ସାମ୍ବାଦିକ ଯୋଗଦେଇ ଶ୍ରୀ ସାମଲଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ । ବିଭାଗ ପକ୍ଷରୁ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଶ୍ରୀ ସାମଲଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଶ୍ରୀମଦ ଭାଗବତ ଗୀତା ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ସେହିପରି ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ନିର୍ଦ୍ଦେଶକ ସରୋଜ ସାମଲଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା । ଅବସର ଗ୍ରହଣ କରିଥିବା ଗିରିଜା ନନ୍ଦିନୀ ମିଶ୍ରଙ୍କୁ ବିଭାଗ ପକ୍ଷରୁ ବିଦାୟୀ ନିର୍ଦ୍ଦେଶକ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ସୁଖଦ ଅବସର ଜୀବନ କାମନା କରିଥିଲେ । ପୂର୍ବାହ୍ନରେ ସୂଚନା ଓ ଲୋକସମ୍ପର୍କ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭାଗ ପରିସରରେ ଆୟୋଜିତ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବିଦାୟୀ ନିର୍ଦ୍ଦେଶକ ଶ୍ରୀ ସାମଲ ବୃକ୍ଷ ଚାରା ରୋପଣ କରିଥିଲେ । ଏହି ଅବସରକାଳୀନ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଗୁରୁବୀର ସିଂ, ଯୁଗ୍ମଶାସନ ସଚିବ ସେକ୍ କଲାମୁଦ୍ଦିନ, ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ ନାୟକ, ସ୍ମିତା କର, ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



# ରାସ୍ତାଘାଟ ମରାମତି ନହେବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଓଡ଼ିଶା ଦିବସ ୨୦୨୫ ଏବଂ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାଖାପାଖି ୧୫/୧୬ ବର୍ଷ ପୂର୍ବେ ଜିଲ୍ଲା ସଂସ୍କୃତି ପରିଷଦ ଗଠନ ହୋଇଥିଲା । ବିଶିଷ୍ଟ ଉଦ୍ୟୋଗପତି ହେମନ୍ତ କୁମାର ରଥ ସଂସ୍କୃତି ପରିଷଦ ଗଠନ ନେଇ ଗୃହରେ ପ୍ରଶ୍ନ ଉଠାଇଥିଲେ । ଉକ୍ତ ପରିଷଦର ସମସ୍ତ ସଦସ୍ୟମାନଙ୍କ ନାମ ଗୃହରେ ପ୍ରକାଶ କରିବା ପାଇଁ ଦୃଢ଼ୋକ୍ତି ବାଢିଥିଲେ । ହେଲେ ଜିଲ୍ଲା ସଂସ୍କୃତି ଅଧିକାରୀ ତାଲିକାକୁ ଗୃହରେ ପ୍ରକାଶ କରାଇପାରିନଥିଲେ । ପ୍ରଶାସନ ସମସ୍ତ ଦିଗରୁ ପ୍ରସ୍ତୁତ ନହୋଇ ପ୍ରସ୍ତୁତି ବୈଠକ ଡାକିବା ଏକ ପ୍ରକାର ପ୍ରହସନ ବୋଲି ଗୃହରେ ପ୍ରକାଶ ପାଇଥିଲା । ଜିଲ୍ଲା ମହୋତ୍ସବ ସମୟରେ ରାସ୍ତା ଘାଟରେ ମରାମତି ପାଇଁ ପ୍ରସ୍ତାବ ଉଠିଥିବା ବେଳେ ଗତ ପାର୍ବଣ ସମୟରେ ରାସ୍ତା ମରାମତି ହୋଇନଥିଲା ବୋଲି ପ୍ରଶ୍ନ ଉଠିଥିଲା । ୫୫ ନମ୍ବର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ପୂର୍ତ୍ତ ଓ ଗୃହ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ପାଇଁ ରାସ୍ତା ମରାମତି ହେଉନଥିବା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଜିଲ୍ଲାପାଳ ତଥା, ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ ଜେ ସୋନାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଏବଂ ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ମଞ୍ଚାସୀନ ଥିଲେ। ପ୍ରଥମେ ଓଡ଼ିଶା ଦିବସ ପାଳନର କାର୍ଯ୍ୟସୂଚୀ ପାଠ କରଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ମାନଙ୍କ ସହ ବିଧାୟକ ଶ୍ରୀ ଦାସ, ଜିଲ୍ଲା ପରିଷଦ ଅଧକ୍ଷ ଏବଂ ଜିଲ୍ଲାପାଳ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏଥି ନିମନ୍ତେ ସେମାନଙ୍କର ସୁଚିନ୍ତିତ ମତାମତ କାମନା କରିଥିଲେ। ହେଲେ ସଂସ୍କୃତି ପରିଷଦ ଗଠନ ତାଲିକା ମିଳିନଥିବାରୁ କେଉଁ କେଉଁ ମାନେ ସଭ୍ୟ ରହିଛନ୍ତି ସଂସ୍କୃତି ଅଧିକାରୀ ଗୃହକୁ ଅବଗତ କରାଇପାରିନଥିଲେ । ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସବୁ କଥାକୁ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନ ଏଡାଇଦେଉଥିଲା । ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମ ମାନଙ୍କୁ ମତାମତ ମାଗୁଥିବାବେଳେ କେଉଁ ଗଣମାଧ୍ୟମକୁ କେତେ ବିଜ୍ଞାପନ ଦିଆଯିବ ସାମ୍ବାଦିକ ମାନଙ୍କ ପ୍ରଶ୍ନକୁ ଏଡାଇ ଦେଇଥିଲେ । ନାମକୁ ମାତ୍ର ପ୍ରସ୍ତୁତି ବୈଠକ ବସାଇ ସାରିଦେଇଥିବା ଏକ ପ୍ରକାର ପ୍ରହସନ ପାଲଟିଥିଲା । ଆଦିକବି ସଂସ୍କୃତି ଭବନରେ ଉପ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ବିଧାୟକ ଓ ଜିଲ୍ଲାପାଳ ସଭା ଆରମ୍ଭର କିଛି ସମୟ ପରେ ଉଠି ଚାଲିଯାଇଥିଲେ ଏବଂ କିଛି ସମୟ ପରେ ଜିଲ୍ଲାପାଳ ଫେରିଆସିଥିବା ବେଳେ ବିଧାୟକ ସଭାକୁ ଫେରିନଥିଲେ । ଜିଲ୍ଲା ମହୋତ୍ସବ କଲୋଳ ପ୍ରସ୍ତୁତି ବୈଠକରେ ବିଧାୟକଙ୍କ ଅଧାରୁ ଚାଲିଯିବା କାରଣରୁ ଆଲୋଚନା ଏକ ପ୍ରକାର ଅଧା ରହିଗଲା । ବୈଠକର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଓଡ଼ିଶା ଦିବସର କାର୍ଯ୍ୟ ସୂଚୀ ପାଠ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବିଡ଼ିଓ, ତହସିଲଦାର, ସହାୟକ ତଥା ସହକାରୀ ଜିଲ୍ଲାପାଳ, ଜିଲ୍ଲାର ବରିଷ୍ଠ ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।



## ରାଉରକେଲା କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପର କ୍ରମବିକାଶ ଉପରେ ଆଲୋକପାତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ, ରାଉରକେଲାର ଓଡ଼ିଆ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରର ଆଲୋଚ୍ୟ ବିଷୟ 'ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପ ଓ କବିତାର ସ୍ୱର-ସ୍ୱାକ୍ଷର' ସମ୍ପର୍କରେ ରାଜ୍ୟର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ଇଂ ବିଷ୍ଣୁ ସାହୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ପୀତାମ୍ବର ତରାଇ ଓ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକ ଇଂ ସାହୁ ତାଙ୍କ ବକ୍ତବ୍ୟରେ ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପର କ୍ରମବିକାଶ ଓ ସେଥିରେ ସାମାଜିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ସାହିତ୍ୟ ମନସ୍କ ହେବା ପାଇଁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରେରିତ କରିଥିଲେ। କବି ଶ୍ରୀ ତରାଇ ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଦଳିତ ଚେତନା ଓ ମାତୃଭାଷା, ମାତୃଭୂମିର ପ୍ରକୃତ ଉପାସକ ହେବାକୁ ଗୁରୁତ୍ୱାରୋପ କରିଥିଲେ। ସ୍ତମ୍ଭକାର ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଲେ ଯେ 'ଓଁ' ହେଉଛି ପ୍ରଥମ ସାହିତ୍ୟ। ସତ୍ୟର ଅନୁସନ୍ଧାନ କରିବାକୁ ପଡ଼ିବ। ପଞ୍ଚତତ୍ତ୍ୱର ପୂଜା, ମାନବିକତା ଓ ସାହିତ୍ୟର ଜୟ ଜୟକାର କରିବା ସହ ଆଦର୍ଶ ମଣିଷ ହେବା ପାଇଁ ୭ଟି ତତ୍ତ୍ୱ ଯଥା ମା-ବାପା, ଗୁରୁ, ପଞ୍ଚଭୂତ ପ୍ରଭୃତି ତଥା ସାହିତ୍ୟ-ସଂସ୍କୃତିର ପୂଜା କରିଲେ ଜୀବନ ଧନ୍ୟ ହୁଏ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅଧକ୍ଷ ଡ. ଜେନା ସଭାପତିତ୍ୱ ଅଭିଭାଷଣ, ବିଭାଗ ମୁଖ୍ୟ ଶ୍ରୀମତୀ ମଥାନ ପ୍ରାକ୍ ସୂଚନା ଓ ସ୍ୱାଗତ ଭାଷଣ ଓ ଅଧ୍ୟାପକ କରୁଣାକର ପାଟଶାଣୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ପୂଜା କୁସୁମ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଶେଷରେ ଅଧ୍ୟାପିକା ପ୍ରିୟଙ୍କା ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅନୁପ ଏକ୍କା ତଥା ଅପର୍ଣ୍ଣା ପାହାରୀ, ସୋନାଲି ମହାନନ୍ଦ, ଲିପ୍ସା ବଳିୟାରସିଂହ, ଅନୁଶ୍ରୀ ରାଉତ, ହିମାଂଶୁ ନାୟକ, ପ୍ରକାଶ ଓଝା, ସୁଶ୍ରୀ ରେଖା ବେହେରା, ଭାରତୀ ବେହେରା, ସଂଧ୍ୟା ରାଣୀ ବେହେରା, ଅଭିଷେକ ପରିଡ଼ା, ଗୋପାଳ କୃଷ୍ଣ ଦାଶ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଛାତ୍ର-ଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ପାକିସ୍ତାନରେ ହେବ ମହିଳା ଦିନିକିଆ ବିଶ୍ୱକପ୍ କ୍ୱାଲିଫାୟର୍ସ



**କରାଚୀ**

ପାକିସ୍ତାନ ଚଳିତ ମାସରେ ଆଉ ଏକ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଦେଶ ଚଳିତମାସ ପରବର୍ତ୍ତୀ ଭାଗରେ ମହିଳା ୫୦ଓଭର ବିଶ୍ୱକପ୍ କ୍ୱାଲିଫାୟର ଆୟୋଜନ କରିବାକୁ ଯାଉଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜଣେ ଅଫିସିଆଲ ସୋମବାର ଏହି ବିଷୟ ସ୍ପଷ୍ଟ କରିଛନ୍ତି। ପ୍ରତିଯୋଗିତାର ଭେନ୍ୟୁ ଓ ତାରିଖ ଧାର୍ଯ୍ୟ ପାଇଁ ଆଇସିସି ସହିତ ଆଲୋଚନା ଚାଲିଛି।

ପ୍ରତିଯୋଗିତାରେ ଭାଗନେବାକୁ ଥିବା ୬ଟି ଦଳ ହେଲେ ପାକିସ୍ତାନ, ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ। ଅଫିସିଆଲଙ୍କ ସୂଚନା ଅନୁସାରେ ଟୁର୍ଣ୍ଣାମେଣ୍ଟ ପାଇଁ କରାଚୀ, ମୁଲ୍‌ତାନ ଓ ଫୈସଲାବାଦ ଆଦି ସମ୍ଭାବ୍ୟ ଭେନ୍ୟୁ ରହିଛି, ଯେଉଁଠାରେ ଏପ୍ରିଲ ୧୧ରୁ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପାକିସ୍ତାନ ପ୍ରଥମ ଥର ଏକାଧିକ ମହିଳା ଦଳକୁ ନେଇ ଏକ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ନିକଟରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ସିରିଜର ସଫଳ ଆୟୋଜନ ପରେ ଏବେ ୮ଟି ଦଳକୁ ନେଇ ଚାମ୍ପିୟନ୍ସ ଟ୍ରଫି ଚାଲିଛି।

## ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

# ବିଶ୍ୱକପ ଫାଇନାଲ୍ ପରାଜୟ ପ୍ରତିଶୋଧ ଅପେକ୍ଷାରେ ଭାରତ

**ଦୁବାଇ**

ଆଇସିସି ଚାମ୍ପିୟନ୍ସ କ୍ରିକେଟ ଟ୍ରଫିର ପ୍ରଥମ ସେମିଫାଇନାଲରେ ମଙ୍ଗଳବାର ଦୁବାଇରେ ଭାରତ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରୁ ଆରମ୍ଭ ହେବ। ରବିବାର ରାତିରେ ଦୁବାଇରେ ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୪୪ ରନରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ଗ୍ରୁପ୍ -ଏ'ର ତିନିଟି ଯାକ ମ୍ୟାଚ୍ ଜିତି ଶୀର୍ଷରେ ରହିଛି। ବୁଧବାର ଲାହୋରରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଗ୍ରୁପ୍ ବି ବିଜେତା ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେମିଫାଇନାଲର ବିଜେତା ଦଳ ରବିବାର ଫାଇନାଲରେ



ମୁହାଁମୁହିଁ ହେବେ।

ଗ୍ରୁପ ଏ'ରେ ଭାରତ ୩ଟି ଯାକ ମ୍ୟାଚ୍‌ରେ ବିଜୟ ଲାଭ କରି ୬ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୩ଟି ମ୍ୟାଚ୍‌ରୁ ଗୋଟିଏରେ ପରାସ୍ତ ହୋଇ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ବାଂଲାଦେଶ ଓ ପାକିସ୍ତାନ ୩ଟି ଲେଖାଏଁ ମ୍ୟାଚ୍‌ରୁ ଗୋଟିଏ ଲେଖାଏଁ ମ୍ୟାଚ ଜିତି ୧ ପଏଣ୍ଟ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

ସେହିପରି ଗ୍ରୁପ ବି'ରେ ଦକ୍ଷିଣ ଆଫ୍ରିକା ୩ଟି ମ୍ୟାଚରୁ ୨ଟିରେ ବିଜୟ ସହ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ଥିବା ବେଳେ ଅଷ୍ଟ୍ରେଲିଆ ୨ଟି ଓ ଆଫଗାନିସ୍ତାନ ୧ଟି ମ୍ୟାଚ୍‌ରେ ଜିତିବା ସହ ୪ ଓ ୩ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। କୌଣସି ମ୍ୟାଚ ନ ଜିତି ଇଂଲଣ୍ଡ ୪ର୍ଥ ସ୍ଥାନରେ ରହିଛି।

## ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

# କିଚକେଶ୍ୱରୀ ଦଳ ଚାମ୍ପିଅନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆରେ କୁମାର୍ସ କ୍ଲବ, ଭଞ୍ଜପୁର ଆନୁକୂଲ୍ୟରେ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗ ଦେଇ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ଓ ଗୌରବ ମୋଦି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଶେଷରେ କିଚକେଶ୍ୱରୀ ଦଳ ଚନ୍ଦନେଶ୍ୱରକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଜାତୀୟ ସ୍ତରୀୟ ରେଫେରି ରାଜେଶ ଦାସ, ରୋଶନ ସାହୁ, ପ୍ରଭାତ ମଲ୍ଲିକ, ଇନ୍ଦ୍ରଜିତ ଶତପଥି ଓ ଦୀପକ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ବେଷ୍ଟ ରାଇଜିଂ ଷ୍ଟାର ଭାବେ ଚନ୍ଦନେଶ୍ୱରର ଶିବ ଶଙ୍କର କଳିଆ, ବେଷ୍ଟ ଅଲରାଉଣ୍ଡର ଭାବେ କିଚକେଶ୍ୱରୀ ଦଳର ଜଗନ ଦାସ, ବେଷ୍ଟ ସ୍ପାଇକର ଭାବେ ଚନ୍ଦନେଶ୍ୱର ଦଳର ସତ୍ୟ ପ୍ରକାଶ ଜେନା, ବେଷ୍ଟ ସେଟର ଭାବେ କିଚକେଶ୍ୱରୀ ଦଳର ସମୀର ରଞ୍ଜନ ପାଲ, ବେଷ୍ଟ ଡିଫେଣ୍ଡର ଭାବେ କୁମାର୍ସ କ୍ଲବର ଅନିଲ ଗିରି ପୁରସ୍କୃତ ହୋଇଥିଲେ। ବରିଷ୍ଠ ଭଲିବଲ କୋଚ୍ ମନୋରଞ୍ଜନ ଜୀଉଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିପ୍ଳବ ଭଞ୍ଜନ ଭୁଗୁଡ଼େଇ, ସମାଜସେବୀ ଅରୁଣ ସରକାର ଓ ରଜତ ପଣ୍ଡା ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଦର୍ପ ନାରାୟଣ ପାଲ, ସମ୍ପାଦକ ପ୍ରିୟବ୍ରତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅବନୀ ଷଡଙ୍ଗୀ ତଥା ସଦସ୍ୟ ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ବିଶ୍ୱମ୍ଭର ସିଂହ ଓ ବିଶ୍ୱ ରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବା ବାସ୍କେଟ୍‌ବଲ୍ ଓପନ୍ ପ୍ରତିଯୋଗିତା

# ମେଟ୍ରୋ ରେଲ୍‌ୱେ କୋଲକାତା ଚାମ୍ପିଅନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ସନ୍‌ସାଇନ୍ ଯୁବା ବାସ୍କେଟବଲ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ସହିଦନଗର ସ୍ଥିତ ଇମ୍ପା ପାର୍କଠାରେ ଆୟୋଜିତ ୧୪ତମ ଯୁବା ବାସ୍କେଟ ବଲ୍ ଓପନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାକୁ ବିଶିଷ୍ଟ ସମାଜସେବୀ ନାରାୟଣ ପାତ୍ର ଉଦ୍‌ଘାଟନ କରିବା ସହ କୃତି କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଚାମ୍ପିଅନ୍ ଟିମ୍ ମେଟ୍ରୋ ରେଲ୍‌ୱେ କୋଲକାତାକୁ ୩୦ହଜାର ଓ ଘରୋଇ ଦଳ ସନ୍‌ସାଇନ୍ ଯୁବା ବାସ୍କେଟବଲ୍ ଟିମ୍ ରନର୍ସଅପ୍ ୨୦ ହଜାର ଓ ଛତିଶଗଡ଼ ବିଳାସପୁରର ନିକେତନ ସ୍ପୋର୍ଟସ ତୃତୀୟ ସ୍ଥାନ ସହ ୫ ହଜାର ନଗଦ ରାଶି ଓ ସମସ୍ତଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜାତୀୟ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଯଶ ରଖିଥିବା



ଶିଶୁ କ୍ରୀଡ଼ାବିତ୍ ବାଦଲ ନାୟକ, ଓମ୍ ସ୍ଥିତପ୍ରଜ୍ଞ ଏବଂ ଅନ୍ୱେଷା ସୁବୁଦ୍ଧିଙ୍କୁ ସେମାନଙ୍କ କୃତି ପାଇଁ ମଧ୍ୟ ପ୍ରୋତ୍ସାହିତ କରାଯିବା ସହ ସମ୍ମାନୀତ କରାଯାଇଥିଲା। ଗତ ୨୮ତାରିଖରୁ ଆରମ୍ଭ ହୋଇଥିବା ଏହି ବାସ୍କେଟବଲ୍ ପ୍ରତିଯୋଗିତାରେ ମୋଟ ୪ଟି ଗ୍ରୁପ୍‌ରେ ୧୨ଟି ଟିମ୍ ଭାଗ ନେଇଥିଲେ। ପ୍ରଥମ ସେମି ଫାଇନାଲ ମିଟ୍ରୋ ରେଲୱେ, କଲିକତା ସହିତ ପାନ୍ଥସ୍ (୫୬-୪୧) ଓ ଦ୍ୱିତୀୟ ସେମିଫାଇନାଲ ଯୁବା, ଶହୀଦନଗର ସହିତ ନିକେତନ ସ୍ପୋର୍ଟସ, ଭେଲାଇ (୪୫/୪୨)ରେ ବିଜୟ ହୋଇ ଫାଇନାଲ ଯାଇଥିଲେ। ଫାଇନାଲରେ ମେଟ୍ରୋ ରେଲ୍‌ୱେ, କଲିକତା ଘରୋଇ ଦଳ ଯୁବା (୪୫/୪୨)ରେ ବିଜୟ ହୋଇଥିଲା। ମେଟ୍ରୋ ରେଲୱେର ସନତ୍ ସିଂହ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ସହିଦ୍ ଖାଁଙ୍କୁ ମିଳିଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜାନା ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ବିଶ୍ୱନାଥ ମହାପାତ୍ର, ସମାଜସେବୀ ରୁଦ୍ର ସାମନ୍ତରାୟ, କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, କର୍ପୋରେଟର ରାଜ କିଶୋର ଦାସ, ବିଶ୍ୱରଂଜନ ରାୟ, ବିଶ୍ୱ ପ୍ରକାଶ ମହାନ୍ତି, ଦୀପଙ୍କର ମହାପାତ୍ର, ଅନୁଷ୍ଠାନର ସଭାପତି ବିଶ୍ୱଜିତ୍ ମହାନ୍ତି, ସଂପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ହରିଶ ପ୍ରସାଦ ରଥ, ମହେନ୍ଦ୍ର କୁମାର ତ୍ରିପାଠୀ, ସୁର୍ଦ୍ଦଶନ ସାହୁ, ଗୋପାଳ ମହାନ୍ତି, ଅଚ୍ୟୁତ ପ୍ରସାଦ ବେହେରା, ସ୍ମୃତି ଜେନା, ମିଥୁନ ବିଶୋଇ, ପ୍ରଶାନ୍ତ ବେହେରା, ଆର୍ଦଶ ପଟ୍ଟନାୟକ, ଦେବେନ୍ଦ୍ର କୁମାର, ଦେବାଶିସ୍ ସାହୁ, କେଶବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ବେଷ୍ଟ ଭଲୁଣ୍ଟର ଭାବେ ଦେବେନ୍ଦ୍ର କୁମାରଙ୍କୁ ସମର୍ଦ୍ଧିତ କରାଯାଇଥିଲା। ଶେଷରେ କୁନି ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଧର୍ଯ୍ୟାବତରଣ କାର୍ଯ୍ୟକ୍ରମ ସହ ଟୁର୍ଣ୍ଣାମେଣ୍ଟ ଶେଷ କରାଯାଇଥିଲା। ଚଳିତବର୍ଷର ଟୁର୍ଣ୍ଣାମେଣ୍ଟ ସଫଳ ହୋଇଥିବାରୁ ସନ୍‌ସାଇନ ଯୁବା ବାସ୍କେଟବଲ୍ କ୍ଲବ୍‌ର କର୍ମକର୍ତ୍ତା ଓ ସମସ୍ତ କ୍ରୀଡାବିତ୍‌ଙ୍କୁ ଅନୁଷ୍ଠାନର ଉପଦେଷ୍ଟା ସରୋଜ କୁମାର ପାତ୍ର ସାଧୁବାଦ ଜଣାଇଛନ୍ତି।

# ଅକ୍ଷର ପଟେଲଙ୍କ ପାଦ ଛୁଇଁଲେ ବିରାଟ କୋହଲି

**ଦୁବାଇ**

ଚାମ୍ପିଅନ୍ସ ଟ୍ରଫିର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡକୁ ୪୪ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୪୯ ରନ କରିଥିଲା। ଜବାବରେ ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ୨୦୫ ରନରେ ଅଲଆଉଟ ହୋଇଯାଇଥିଲା। କିନ୍ତୁ ଇନିଂସ ଆରମ୍ଭରୁ ହିଁ କେନ ୱିଲିୟମ୍ସନ ଭାରତ ଏବଂ ବିଜୟ ମଧ୍ୟରେ ଦୃଢ଼ ଭାବରେ ଛିଡା ହୋଇଥିଲେ। କିନ୍ତୁ ଅକ୍ଷର ପଟେଲ ତାଙ୍କ ସ୍ପେଲର ଶେଷ ବଲରେ କେନ ୱିଲିୟମସନଙ୍କୁ ଆଉଟ କରିଥିଲେ। କେନ ୱିଲିୟମସନ ଅକ୍ଷର ପଟେଲଙ୍କ ବୋଲିଂରେ ଉଇକେଟକିପର କେଏଲ ରାହୁଲଙ୍କ ଦ୍ୱାରା ଷ୍ଟମ୍ପଆଉଟ ହୋଇଥିଲେ। କେନ ୱିଲିୟମସନ ୮୧ ରନର ଏକ ଭଲ ଇନିଂସ ଖେଳିଥିଲେ। ଅକ୍ଷର ପଟେଲ କେନ ୱିଲିୟମସନଙ୍କ ଆଉଟ କରିବା ପରେ ଏକ ସ୍ମରଣୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିରାଟ କୋହଲି ଅକ୍ଷରଙ୍କ ପାଦ ଛୁଇଁଥିଲେ। ବିରାଟ କୋହଲି ଅକ୍ଷରଙ୍କୁ ଉଇକେଟ ନେବା ପାଇଁ ଏହିପରି ଅଭିନନ୍ଦନ ଜଣାଇଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି।



## ଦୁବାଇ ଟେନିସ୍ ଚାମ୍ପିଅନ୍ସିପ୍ -୨୦୨୫

# ଇଣ୍ଡୋ-ଅଷ୍ଟ୍ରେଲୀୟ ପୁରୁଷ ଯୋଡ଼ି ଚାମ୍ପିଅନ୍



**ଦୁବାଇ**

ଦୁବାଇ ଟେନିସ୍ ଚାମ୍ପିଅନ୍ସିପ୍ -୨୦୨୫ରେ ଭାରତର ଯୁକି ଭାମ୍ବ୍ରି ଓ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନ୍ ଯୋଡ଼ି ଚାମ୍ପିଅନ୍। ଫାଇନାଲ୍ ମୁକାବିଲାରେ ଉଭୟ ୩-୬, ୭-୬ (୧୪-୧୨), ୧୦-୮ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିଅନ୍ ତଥା ଦ୍ୱିତୀୟ ସିଡ୍ ହ୍ୟାରୀ ହେଲିଓଭାରା ଓ ହେନରୀ ପ୍ୟାଟେନ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ୧ଘଣ୍ଟା ୫୩ ମିନିଟ୍ ଲାଗିଥିଲା। ଭାମ୍ବ୍ରି-ପପିରିନ୍ ଯୋଡ଼ି ପ୍ରଥମ ସେଟ୍ ପରାଜିତ ହେବା ପରେ ଦ୍ୱିତୀୟ ସେଟ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଭୟ ୪ଟି ଚାମ୍ପିଅନ୍ସ ପଏଣ୍ଟ ବଞ୍ଚାଇବା ସହ ଟାଇବ୍ରେକରରେ ଏହି ସେଟ୍ ଜିତି ସ୍ଥିତି ବରାବର କରିଥିଲେ। ନିର୍ଣ୍ଣାୟକ ସେଟ୍ ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ଭାମ୍ବ୍ରି-ପପିରିନ୍ କୌଣସି ତ୍ରୁଟି ନକରି ବିଜୟ ହାସଲ କରିଥିଲେ। ଭାମ୍ବ୍ରିଙ୍କ କ୍ୟାରିୟରରେ ଏହା ପ୍ରଥମ ଏଟିପି ୫୦୦ ଏବଂ ଚତୁର୍ଥ ଏଟିପି ଟାଇଟଲ୍ ରହିଥିଲା। ସୂଚନାଯୋଗ୍ୟ, ଭାମ୍ବ୍ରି-ପପିରିନ୍ ପ୍ରଥମ ରାଉଣ୍ଡ୍‌ରେ ବିଶ୍ୱର ଏକ ନମ୍ବର ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମ୍ୟାଟ୍ ପାଭିକ୍‌ଙ୍କୁ ହରାଇ ଦୁବାଇ ଓପନରେ ଅଭିଯାନ ଆରମ୍ଭ କରିଥିଲେ।

# ୨୦୨୫ ଆଇପିଏଲ ପାଇଁ ଅଧିନାୟକ ଓ ଉପ ଅଧିନାୟକ ଘୋଷଣା କଲା କେକେଆର

**ନୂଆଦିଲ୍ଲୀ**

ମାର୍ଚ୍ଚ ୨୨ରୁ ଆରମ୍ଭ ହେବ ଆଇପିଏଲ ୨୦୨୫। ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଡିଫେଣ୍ଡିଂ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ୨୦୨୪ ମେଗା ଅକ୍ସନ ପରେ ୨୦୨୫ ଆଇପିଏଲ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଅକ୍ସନରେ ଖେଳାଳିଙ୍କ ଅଦଳବଦଳ ହୋଇ ଯାଇଛି। ଏବେ ଆଇପିଏଲ ୨୦୨୫ ପୂର୍ବରୁ କେକେଆର ନିଜର ଅଧିନାୟକ ଓ ଉପ ଅଧିନାୟକଙ୍କ ନାଁ ଘୋଷଣା କରିଛି।

୨୦୨୫ ଆଇପିଏଲରେ କେକେଆରର ନେତୃତ୍ୱ ଅଜିଙ୍କ୍ୟ ରାହାଣେ ନେବେ। ସେହିପରି ତାଙ୍କ ଡେପୁଟି ଭାବେ ଭେଙ୍କଟେଶ ଆୟର କାର୍ଯ୍ୟ କରିବେ। ରାହାଣେଙ୍କୁ କେକେଆର ବେସ୍ ପ୍ରାଇସ ବା ମୂଳ ଦର ୧.୫ କୋଟି ଟଙ୍କାରେ କିଣିଥିଲା। କିନ୍ତୁ ଭେଙ୍କଟେଶ ଆୟରଙ୍କୁ ରେକର୍ଡ ୨୩.୭୫ କୋଟିରେ ନିଜ ପାଖକୁ ଆଣିଥିଲା। ଶ୍ରେୟସ ଆୟରଙ୍କୁ ପଞ୍ଜାବ ୨୬.୭୫ କୋଟି ଓ ଲକ୍ଷ୍ନୌ ରେକର୍ଡ ୨୭ କୋଟି ଟଙ୍କାରେ ଋଷଭ ପନ୍ତଙ୍କୁ କିଣିଥିଲା। ତୃତୀୟ ଦାମୀ ଖେଳାଳି ଭାବେ ଭେଙ୍କଟେଶ ଆୟର ନିଲାମ ବେଳେ ବିକ୍ରି ହୋଇଥିଲେ। ଏବେ ତାଙ୍କୁ କେକେଆର ଗୁରୁ ଦାୟିତ୍ୱ ଦେଇଛି।

ରାହାଣେଙ୍କୁ କେକେଆର ଅଧିନାୟକ ପଦ ଦେଇଥିବାରୁ ସେ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, "କେକେଆର ଭଳି ଅନ୍ୟତମ ସଫଳ ଟିମ୍‌ର ନେତୃତ୍ୱ ନେବାକୁ ଅନୁମତି ମିଳିବା ଗୋଟିଏ ସମ୍ମାନର କଥା। ମୁଁ ଭାବୁଛି ଆମ ପାଖରେ ଗୋଟିଏ ଦକ୍ଷ ଓ ସନ୍ତୁଳିତ ସ୍କ୍ୱାଡ୍ ରହିଛି। ମୁଁ ସମସ୍ତଙ୍କ ସହ କାମ କରିବାକୁ ଉତ୍ସାହିତ। ଟାଇଟଲକୁ ଡିଫେଣ୍ଡ କରିବା ପାଇଁ ଆବଶ୍ୟକ ଚ୍ୟାଲେଞ୍ଜକୁ ସମ୍ମୁଖୀନ



ହେବାକୁ ପ୍ରସ୍ତୁତ।"

ମେଗା ଅକ୍ସନ ବେଳେ କେକେଆର କରିଥିବା ରଣନୀତି ଅନୁଯାୟୀ ରାହାଣେ ଫ୍ରାଞ୍ଚାଇଜର ତାଲିକାରେ ନଥିଲେ। ଖାସ୍ ଏହି କାରଣ ପାଇଁ ଫ୍ରାଞ୍ଚାଇଜ ପ୍ରଥମ ରାଉଣ୍ଡରେ ରାହାଣେଙ୍କୁ କିଣି ନଥିଲେ। ତାଙ୍କୁ କିଣିବାକୁ ବାକି ୯ଟି ଯାକ ମଧ୍ୟ ଆଗ୍ରହ ଦେଖାଇ ନଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଯେତେବେଳେ ତାଙ୍କ ନାଁ ଆସିଲା ସେତେବେଳେ କେକେଆର ତାଙ୍କୁ ବେସ ପ୍ରାଇସ ୧.୫୦ କୋଟିରେ କିଣିଥିଲା। ଏବେ ତାଙ୍କୁ ଫ୍ରାଞ୍ଚାଇଜ ଦଳର ମଙ୍ଗ ଧରା ଦେଇଛି। ରାହାଣେଙ୍କ ଅଭିଜ୍ଞତା ଓ ବଳିଷ୍ଠତାକୁ ନଜରରେ ରଖି କେକେଆର ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

କେକେଆରରେ ଏହା ରାହାଣେଙ୍କ ଦ୍ୱିତୀୟ ଇନିଂସ। କାରଣ ୨୦୨୨ରେ ମଧ୍ୟ ସେ କେକେଆର ପାଇଁ ଖେଳିଥିଲେ। ଏହି ସଂସ୍କରଣର ୭ଟି ମ୍ୟାଚ୍‌ରେ ରାହାଣେ କେବଳ ୧୩୩ ରନ କରିପାରିଥିଲେ। ଗୋଟିଏ ବର୍ଷ ପରେ ସେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳିବା ସହ ୧୭୨.୪୮ ଷ୍ଟ୍ରାଇକ ରେଟରେ ୩୨୬ ରନ କରିଥିଲେ। କିନ୍ତୁ ୨୦୨୪ରେ ସେ ୧୨୩.୪୬ ଷ୍ଟ୍ରାଇକ ରେଟରେ ୨୪୨ ରନ କରିବାରୁ ତାଙ୍କୁ ଚେନ୍ନାଇ ମେଗା ଅକ୍ସନ ପୂର୍ବରୁ ରିଲିଜ କରି ଦେଇଥିଲା। ରାହାଣେ ମୁମ୍ବାଇ ପାଇଁ ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ଚଳିତ ବର୍ଷ ସର୍ବାଧିକ ରନ କରିଛନ୍ତି। ସେ ୧୬୪.୫୬ ଷ୍ଟ୍ରାଇକର ରେଟରେ ୪୬୯ ରନ କରିବାରୁ ମୁମ୍ବାଇ ଚାମ୍ପିଅନ ମଧ୍ୟ ହୋଇଥିଲା। ରଣଜୀ ମ୍ୟାଚ୍‌ରେ ମଧ୍ୟ ସେ କ୍ରମାଗତ ରନ କରିଛନ୍ତି। ତେଣୁ ଏହା ନିଶ୍ଚିତ କେକେଆରକୁ ଆଇପିଏଲରେ ସହାୟତା କରିବ ବୋଲି ଆଶା କରାଯାଉଛି।

ରାହାଣେ ଏକାଦା ରାଜସ୍ଥାନ ରୟାଲ୍ସର ଅଧିନାୟକ ଭାବେ କାମ କରୁଥିଲେ। ଦଳ ପାଇଁ ସେ ୨୪ଟି ମ୍ୟାଚ୍‌ରେ କ୍ୟାପ୍ଟେନ୍ସି କରିଥିବା ବେଳେ ପୁଣେ ସୁପର ଜାଏଣ୍ଟସର ଗୋଟିଏ ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ମୋଟ ୨୫ଟି ମ୍ୟାଚ୍‌ରେ କ୍ୟାପ୍ଟେନ ହୋଇଥିବା ରାହାଣେ ୧୬ଟି ମ୍ୟାଚ୍ ହାରିଛନ୍ତି। ତେଣୁ କ୍ୟାପ୍ଟେନ ଭାବେ ତାଙ୍କ ପରିସଂଖ୍ୟନ ଆଦୌ ସନ୍ତୋଷଜନକ ନୁହେଁ। ୨୦୧୮-୧୯ରେ ସେ ରାଜସ୍ଥାନର କ୍ୟାପ୍ଟେନ ଭାବେ ସମସ୍ତଙ୍କୁ ନିରାଶ କରିବାରୁ ତାଙ୍କୁ ହଟାଇ ଦଳର କମାଣ ଷ୍ଟିଭ ସ୍ମିଥ୍‌ଙ୍କୁ ମିଳିଥିଲା। ୨୦୧୯ରେ ସ୍ମିଥ ରାଜସ୍ଥାନର ଅଧିନାୟକ ହୋଇଥିଲେ। ଅନ୍ୟପକ୍ଷରେ ଭେଙ୍କଟେଶ ଆୟର ଜଣେ ଦକ୍ଷ ଯୁବ ଖେଳାଳି। ତାଙ୍କୁ ଆଇପିଏଲ ଇତିହାସର ୪ର୍ଥ ଦାମୀ ଖେଳାଳି ଭାବେ କେକେଆର ୨୩.୭୫ କୋଟି ଟଙ୍କାରେ କିଣିଛି। କେକେଆର ଟିମ୍ ସହ ଆୟର ତାଙ୍କ ଆଇପିଏଲ ଯାତ୍ରା ଆରମ୍ଭ କରିଥିଲେ। ୨୦୨୧ରୁ ସେ କେକେଆରରେ ହିଁ ରହିଛନ୍ତି। ୨୦୨୪ରେ କେକେଆର ଟ୍ରଫି ଜିତିବାରେ ଭେଙ୍କଟେଶ ଆୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୧୫୮.୭୯ ଷ୍ଟ୍ରାଇକ ରେଟରେ ୩୭୦ ରନ କରିଥିଲେ।

# ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଗାଫାନେ, ଇଲିଙ୍ଗୱର୍ଥ

**ଦୁବାଇ**

ନ୍ୟୁଜିଲାଣ୍ଡର କ୍ରିସ ଗାଫାନେ ଓ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଫିଲ୍ଡ ଅମ୍ପାୟାର ଭାବେ ମଙ୍ଗଳବାର ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ପ୍ରଥମ ସେମିଫାଇନାଲ ପରିଚାଳନା କରିବେ। ଇଂଲଣ୍ଡର ମାଇକେଲ ଗଫ ତୃତୀୟ ଅମ୍ପାୟାର ଓ ଜିମ୍ବାୱେର ଆଣ୍ଡି ପିକ୍ରଫ୍ଟ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ ବୋଲି ଆଇସିସି ପକ୍ଷରୁ ସୋମବାର ଘୋଷଣା କରାଯାଇଛି।



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁବାଇଠାରେ ଖେଳାଯାଇଥିବା ଅନ୍ତିମ ଲିଗ ମ୍ୟାଚ୍‌ରେ ଫିଲ୍ଡ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଲାହୋରଠାରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ଲାଗି ଶ୍ରୀଲଙ୍କାର କୁମାର ଧର୍ମସେନା ଓ ଅଷ୍ଟ୍ରେଲିଆର ପଲ ରିଫେଲଙ୍କୁ ଫିଲ୍ଡ ଅମ୍ପାୟାର ଦାୟିତ୍ୱ ଦିଆଯାଇଛି। ଜୋଏଲ ୱିଲସନ ତୃତୀୟ ଅମ୍ପାୟାର ଓ ରଞ୍ଜନ ମାଦୁଗଲେ ମ୍ୟାଚ ରେଫରୀ ଦାୟିତ୍ୱରେ ରହିବେ।

# ପାକିସ୍ତାନ ଉପରୁ ହଟିଲା ବାସନ୍ଦ

**ଲାହୋର**

ପାକିସ୍ତାନ ଫୁଟବଲ ଫେଡେରେସନ (ପିଏଫଏଫ) ତା'ର ସମ୍ବିଧାନରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପରେ ଏହା ଉପରୁ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ବାସନ୍ଦ ହଟାଇଛି। ଫେଡେରେସନ ପରିଚାଳନାରେ ସ୍ୱଚ୍ଛତା ଲାଗି ସମ୍ବିଧାନରେ ଆବଶ୍ୟକ ଥିବା ପରିବର୍ତ୍ତନ ନ କରିବାରୁ ଫିଫା ଗତ ଫେବୃଆରୀ ୫ ତାରିଖରେ ପିଏଫଏଫକୁ ବାସନ୍ଦ କରିଥିଲା। ତେବେ ଗତ ଗୁରୁବାର ପିଏଫଏଫ କଂଗ୍ରେସ ସଦସ୍ୟ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ ଲାଗି ଏକମତ ହୋଇଥିଲେ। ଜୁନଠାରୁ ଫିଫା ଦ୍ୱାରା ନିଯୁକ୍ତ ନର୍ମାଲାଇଜେଶନ କମିଟି ପାକିସ୍ତାନ ଫୁଟବଲ




ପରିଚାଳନା ଦାୟିତ୍ୱରେ ଥିଲା। ଏହି କମିଟି ଫେଡେରେସନରେ ନିର୍ବାଚନ ଆୟୋଜନ ଏବଂ ଫେଡେରେସନ ମଧ୍ୟରେ ଥିବା ବିବାଦର ସମାଧାନ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ବର୍ତ୍ତମାନ ବାସନ୍ଦ ହଟାଯାଇଥିବାରୁ ପାକିସ୍ତାନ ୨୦୨୭ ଏଏଫସି ଏସିଆନ କପ କ୍ୱାଲିଫାୟାର୍ସରେ ଅଂଶଗ୍ରହଣ କରିପାରିବ। ପାକିସ୍ତାନ ଦଳ ଆସନ୍ତା ୨୫ ତାରିଖରେ ଗ୍ରୁପ-ଇ'ର ପ୍ରଥମ ମ୍ୟାଚରେ ସିରିଆକୁ ଭେଟିବ।

# ରୋହିତ ଶର୍ମାଙ୍କ ଫିଟନେସ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ କଂଗ୍ରେସ ମୁଖପାତ୍ର

**ନୂଆଦିଲ୍ଲୀ**

ଭାରତୀୟ ଦଳ ଅଧିନାୟକ ରୋହିତ ଶର୍ମାଙ୍କ ଫିଟ୍‌ନେସକୁ ନେଇ ବିବାଦୀୟ ବୟାନ ଦେଇ ଚର୍ଚ୍ଚାରେ କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ। ରୋହିତଙ୍କ ଶରୀରକୁ ଆକ୍ଷେପ କରି କଟୁ ମନ୍ତବ୍ୟ ଦେଇଥିଲେ। ଏହାପରେ କଂଗ୍ରେସକୁ ଘେରିଥିଲା ଭାରତୀୟ ଜନତା ପାର୍ଟି। କଂଗ୍ରେସ-ବିଜେପି ମୁହାଁମୁହିଁ ପରେ ଶମା ମହମ୍ମଦ ନିଜର ଏକ୍ସ ପୋଷ୍ଟକୁ ଡିଲିଟି କରିଦେଇଛନ୍ତି।

କଂଗ୍ରେସ ମୁଖପାତ୍ର ପୱନ ଖେଡା କହିଛନ୍ତି, ଭାରତୀୟ କ୍ରିକେଟ ଟିମ୍‌ର ଜଣେ ବରିଷ୍ଠ ଖେଳାଳିଙ୍କୁ ନେଇ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ଡ. ଶମା ମହମ୍ମଦ ଯେଉଁ ବୟାନ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ କଂଗ୍ରେସ ପାର୍ଟିର ଲେଣଦେଣ ନାହିଁ। ପାର୍ଟି ପକ୍ଷରୁ ତାଙ୍କୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମରୁ ବିବାଦୀୟ ମନ୍ତବ୍ୟକୁ ହଟାଇବାକୁ



ନିର୍ଦ୍ଦେଶ ଦିଆଯାଇଛି ଏବଂ ଭବିଷ୍ୟତରେ ଆଗକୁ ଏଭଳି ବିବାଦୀୟ ବୟାନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ଏହାଛଡ଼ା ମୁଖପାତ୍ର ପୱନ ଖେଡ଼ା କହିଛନ୍ତି, କଂଗ୍ରେସ ପାର୍ଟି ଭାରତୀୟ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଦେଇଆସୁଛି, ଆଗକୁ ମଧ୍ୟ ଦେବ। ପାର୍ଟି କ୍ରୀଡ଼ାବିତ୍‌ଙ୍କୁ ନେଇ କୌଣସି ପ୍ରକାର ବୟାନବାଜିକୁ ସମର୍ଥନ କରିବ ନାହିଁ। ଏହି ପୂରା ମାମଲାରେ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ଶମା ମହମ୍ମଦ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଟିମ୍ ଇଣ୍ଡିଆର ଖେଳାଳିଙ୍କ ଫିଟ୍‌ନେସ୍‌କୁ ନେଇ ଏହା ଏକ ଜେନେରିକ୍ ଟ୍ୱିଟ୍ ଥିଲା। ଏହା ବଡି ସେମିଂ ନୁହେଁ। ମନ୍ତବ୍ୟର ଯଥାର୍ଥ ମଧ୍ୟ ବୁଝାଇଛନ୍ତି ଶମା ମହମ୍ମଦ। ସେ କହିଛନ୍ତି, ଖେଳାଳିମାନେ ଫିଟ୍ ରହିବା ଜରୁରୀ। ମୋତେ ଲାଗୁଛି ରୋହିତ ଶର୍ମାଙ୍କ ଓଜନ ଅଧିକ ରହିଛି। ମାତ୍ର ବିନା କାରଣରେ ଏହାକୁ ରାଜନୀତିକରଣ କରାଯାଉଛି। ଯଦି ଅନ୍ୟ ଟିମର ଅଧିନାୟକଙ୍କ ସହିତ ରୋହିତ ଶର୍ମାଙ୍କୁ ତୁଳନା କରାଯିବ, ତାହାଲେ ଏହାହିଁ କୁହାଯିବ। ମୋ ନିକଟରେ ବାକ୍ ସ୍ୱାଧୀନତା ଅଧିକାର ରହିଛି ବୋଲି ଶମା ମହମ୍ମଦ କହିଛନ୍ତି।

ସୂଚନା ଅନୁଯାୟୀ, କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ ଏକ୍ସରେ ଲେଖିଥିଲେ, ରୋହିତ ଶର୍ମା ଅତ୍ୟଧିକ ମୋଟା ଓ ପ୍ରଭାବିଶୂନ୍ୟ ଅଧିନାୟକ। ରୋହିତ ଶର୍ମା ଖେଳାଳି ଭାବେ ବହୁତ ମୋଟା। ସେ ଓଜନ କମାଇବାର ଆବଶ୍ୟକତା ରହିଛି। ସେପଟେ କଂଗ୍ରେସର ମୁଖପାତ୍ରଙ୍କ ଏପରି ବୟାନବାଜୀ ପରେ ଚିଡ଼ିଁକି ଉଠିଛି ବିଜେପି। ବିଜେପି ମହିଳା ନେତ୍ରୀ ରାଧିକା ଖେଡ଼ା ଏକ୍ସରେ ଲେଖିଛନ୍ତି ଯେ, କଂଗ୍ରେସ ମୁଖପାତ୍ରଙ୍କ ଦ୍ୱାରା ରୋହିତ ଶର୍ମାଙ୍କ ବଡି ସେମିଂ କହିବା ଦୁଃସାହସ। କଂଗ୍ରେସ ପାର୍ଟି ଦଶନ୍ଧି ଧରି ଖେଳାଳିମାନଙ୍କୁ ଏପରି ଅପମାନିତ କରିଆସୁଛି।

ଭୁବନେଶ୍ୱର
୦୪ ମାର୍ଚ୍ଚ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ହେବ ଶୃଙ୍ଖଳିତ



ପୁରୀ, ୩/୩ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରରେ ଦର୍ଶନବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖୁବ୍ ଶୀଘ୍ର ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି । ସ୍ଥାନାନ୍ତର ହେବ ହୁଣ୍ଡି, ଲାଗୁ ହେବ ନାଟ ମଣ୍ଡପ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା । ଶିଶୁ, ମହିଳା, ବୟସ୍କଙ୍କ ପାଇଁ ବ୍ୟବସ୍ଥିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଏନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ଭିନୀତ ଅଗ୍ରୱାଲଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର । ସାତପାହାଚ ଠାରୁ ନାଟମଣ୍ଡପ ମଧ୍ୟରେ କମ୍ ସମୟରେ ଅଧିକ ଲୋକଙ୍କୁ କିପରି ଦର୍ଶନ ସୁବିଧା ଯୋଗାଇ ଦିଆଯିବ ସେନେଇ ହୋଇଛି ମାନସ ମନ୍ଥନ । ଆଗାମୀ ଦିନରେ ଲାଗୁ ହେବାକୁ ଥିବା ନାଟ ମଣ୍ଡପ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ଉପରେ ମଧ୍ୟ ସମୀକ୍ଷା ହୋଇଛି ।







ଭୁବନେଶ୍ୱର : ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବର୍ଗର ଜନତାଙ୍କ ସମସ୍ୟା ସମ୍ବଳିତ ଅଭିଯୋଗର ଶୁଣାଣି କରୁଛନ୍ତି। (ଫଟୋ : ସମ୍ବାଦ କଳିକା

### ସାମାଜିକ ଗଣମାଧ୍ୟମ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ମୀରା

## କୁତ୍ସାରଟନା ବନ୍ଦ କରିବା ପାଇଁ କଲେ ନିବେଦନ



ଭୁବନେଶ୍ୱର, ୩।୩ ନ୍ୟୁଜ ବ୍ୟୁରୋ

ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ କିନ୍ନର ମୀରା ପରିଡା। ସେ ସାମାଜିକ ଗଣମାଧ୍ୟମ ବିରୋଧରେ ମାମଲା ରୁଜୁ କରିଛନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ତାଙ୍କ ବିରୋଧରେ କରାଯାଇଥିବା କୁତ୍ସାରଟନାକୁ ନେଇ ମୀରା ଏହି ମାମଲା ରୁଜୁ କରିଛନ୍ତି। ଏ ସବୁ ତୁରନ୍ତ ବନ୍ଦ କରିବାକୁ ସେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଜଣେ କ୍ୟାନ୍ସର ପୀଡ଼ିତ ଅଶୋକ ଚମ୍ପତିଙ୍କୁ ସାହାଯ୍ୟ କରି ଆସୁଛନ୍ତି ମୀରା ପରିଡା। ଏହାକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମୀରାଙ୍କ ଚରିତ୍ର ସଂହାର କରାଯାଇଥିଲା। ସାମାଜିକ ଗଣମାଧ୍ୟମ ଏଭଳି ଚରିତ୍ର ସଂହାରକୁ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି।

## କିଡ୍‌ନୀ ଓ ଲିଭର ଦାନ କରି ଅମର ହେଲେ ଜନ୍ମେଶ

ଭୁବନେଶ୍ୱର, ୩/୩ ନ୍ୟୁଜ ବ୍ୟୁରୋ



ସାନ ସିନା ଦାନ ତା' ମହାନ । ନିଜର କିଡ୍‌ନୀ ଓ ଲିଭର ଦାନ କରି ଅମର ହୋଇଗଲେ ଭୁବନେଶ୍ୱରର ଜନ୍ମେଶ ଲେଙ୍କା । ସ୍ୱାସ୍ଥ୍ୟ ଖରାପ ଯୋଗୁ ବର୍ଷକର ଜନ୍ମେଶ ଲେଙ୍କାଙ୍କ ମୃତ୍ୟୁ ହୋଇଛି । ନିଜ ଘରର ଛୋଟ ଛୁଆଟିକୁ ହରାଇ ଧୌର୍ଯ୍ୟହରା ହୋଇ ପଡିଛି ପୁରା ପରିବାର । ଜନ୍ମେଶଙ୍କ ବାପା ଏମ୍‌ସରେ ଚାକିରି କରନ୍ତି । ପୁଅର ମୃତ୍ୟୁ ପରେ କିଡ୍‌ନୀ ଓ ଲିଭର ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ ପରିବାର। ଜନ୍ମେଶଙ୍କ ଲିଭର ଦିଲ୍ଲୀର ଜଣେ ପିଲା ଦେହରେ ଲଗାଯାଇଛି। ସେହିପରି କିଡ୍‌ନୀ ଭୁବନେଶ୍ୱର ଜଣେ ପିଲାଙ୍କ ଦେହରେ ଲାଗଛି । ମୃତ୍ୟୁ ପରେ ବି ଜନ୍ମେଶ ଅମର ହୋଇଗଲେ। ଜନ୍ମେଶଙ୍କ ଶେଷ କୃତ୍ୟବେଳେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି ।

### ସୋସିଆଲ ମିଡିଆ ସାମଗ୍ରୀକୁ ନିୟନ୍ତ୍ରିତ କରିବା ମାମଲା

## ଗାଇଡଲାଇନ ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ ୩।୩

ୟୁ-ଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କୁ ସୋମବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ମାତା-ପିତାଙ୍କୁ ନେଇ ଅଭଦ୍ର ଟିପ୍ପଣୀ କରିଥିବା ରଣବୀରଙ୍କୁ ସୁପ୍ରିମକୋର୍ଟ ଗୋଟିଏ ସର୍ତ୍ତରେ 'ଦି ରଣବୀର ସୋ' ପୁଣି ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରଣବୀରଙ୍କ ଗିରଫ ଉପରେ ସଂରକ୍ଷଣ ବଢାଇ ଦେଇଥିବା ବେଳେ ତାଙ୍କୁ ଗୌହାଟୀରେ ଯାଞ୍ଚରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ପଡକାଷ୍ଟର ରଣବୀର ଆହ୍ଲାବାଦିଆଙ୍କୁ ନିଜ ସୋ'ରେ ଶାଳିନତା ରକ୍ଷା କରିବା ସର୍ତ୍ତରେ 'ଦି ରଣବୀର ସୋ'ର ପ୍ରସାରଣ ପୁଣି ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ 'ଇଣ୍ଡିଆଜ ଗଟ ଲାଟେଣ୍ଟ' ମାମଲାରେ ଚାଲିଥିବା



ମକଦ୍ଦମାରେ ୟୁ-ଟ୍ୟୁବର ଓ ପଡକାଷ୍ଟର ରଣବୀର ଆହ୍ଲାବାଦିଆ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଏଥିରେ ରଣବୀର କୋର୍ଟଙ୍କ ଆଦେଶର ଗୋଟିଏ ଅଂଶକୁ ହଟାଇବାକୁ ନିବେଦନ କରିଥିଲେ, ଯେଉଁଥିରେ ତାଙ୍କୁ ତାଙ୍କର ସୋ' ପ୍ରସାରଣ କରିବାକୁ ରୋକା ଯାଇଥିଲା। ତେବେ ରଣବୀରଙ୍କ ଓକିଲ ତାଙ୍କର ୨୮୦ ଜଣ କର୍ମଚାରୀ ଥିବା ଓ ଏହା ସେମାନଙ୍କ ଜୀବିକା ବୋଲି କହିଥିଲେ। ତେବେ ସୁପ୍ରିମକୋର୍ଟ ରଣବୀରଙ୍କୁ ବିଦେଶଯାତ୍ରା ଅନୁମତି ଦେବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ମାମଲାର ଯାଞ୍ଚରେ ସାମିଲ ହେବା ପରେ ଯାଇ ଏ ବାବଦରେ ଅନୁମତି ମିଳିପାରେ। ଏହା ସହିତ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସୋସିଆଲ ମିଡିଆ ସାମଗ୍ରୀକୁ ନିୟନ୍ତ୍ରିତ କରିବା ପାଇଁ ଗାଇଡଲାଇନ ପ୍ରସ୍ତୁତ କରିବାକୁ କହିଛନ୍ତି। ତେବେ ଏଥିପାଇଁ ସବୁ ହିତାଧିକାରୀଙ୍କ ପରାମର୍ଶ ନେବାକୁ ମଧ୍ୟ କୁହାଯାଇଛି। ଏହା ଛଡା ସୁପ୍ରିମକୋର୍ଟ ରଣବୀର ଆହ୍ଲାବାଦିଆଙ୍କୁ ତାଙ୍କ 'ଦି ରଣବୀର ସୋ' ସବୁ ଆୟୁବର୍ଗଙ୍କ ନିମନ୍ତେ ଉପଯୁକ୍ତ ବୋଲି ଅଣ୍ଡରଟେକିଂ ଦେବାକୁ ମଧ୍ୟ କହିଛନ୍ତି। ତେବେ ଏ ନେଇ ରଣବୀରଙ୍କ ଓକିଲ ଉପସ୍ଥାପନ କରିଥିବା ତର୍କରେ କୋର୍ଟ ଅସନ୍ତୋଷ ପ୍ରକାଶ କରି ମୌଳିକ ଅଧିକାର ଥାଇଲେ ପରସା ଯାଇନି, ଏଥି ପାଇଁ କିଛି କଟକଣା ରହିଛି ଓ ଏହାକୁ ମାନିବା ଦରକାର ବୋଲି କହିଛନ୍ତି। ରଣବୀରଙ୍କ ସୋ' ପ୍ରସାରଣ ନେଇ ଦାଖଲ ଆବେଦନକୁ ସଲିସିଟର ଜେନେରାଲ କୋର୍ଟରେ ବିରୋଧ କରିଥିଲେ। ତୁଷାର ମେହେଟ୍ଟା କହିଥିଲେ ଯେ ଏମାନଙ୍କୁ କିଛି ସମୟ ପାଇଁ ଚୁପ୍ ରହିବାକୁ ଦିଆଯାଉ, ଏହା ଉପଯୁକ୍ତ ହେବ। ଶ୍ରୀ ମେହେଟ୍ଟା କହିଛନ୍ତି ଯେ ଇଣ୍ଡିଆ ଗଟ୍ ଲାଟେଣ୍ଟରେ ତାଙ୍କ ଟିପ୍ପଣୀ ବିକୃତ ଓ ଅଶ୍ଳୀଳ। ତେବେ ସୁପ୍ରିମକୋର୍ଟ ବିବାଦ ମଧ୍ୟରେ ସୋମବାର କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ବଡ଼ ଆଦେଶ ଦେଇଛନ୍ତି। କୋର୍ଟ କେନ୍ଦ୍ରକୁ ଅନ୍‌ଲାଇନ୍ ସାମଗ୍ରୀଗୁଡ଼ିକୁ ରେଗୁଲେଟ କରିବାକୁ କହିଛନ୍ତି। କୋର୍ଟ ଏଥିପାଇଁ ସମ୍ବନ୍ଧିତ ଲୋକଙ୍କଠାରୁ ରାୟ ମାଗିବାକୁ ମଧ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରଣବୀର ଆହ୍ଲାବାଦିଆ 'ବିୟର ବାଇସେପସ୍ ଗାଇ' ନାମରେ ମଧ୍ୟ ଜଣା ଯାଆନ୍ତି। ସେ ଗତମାସରେ ରୋଷ୍ଟ ସୋ ଇଣ୍ଡିଆଜ ଗଟ ଲାଟେଣ୍ଟରେ ଅଭଦ୍ର ଟିପ୍ପଣୀ କରି ବିବାଦ ଛିଡା କରିଥିଲେ। ଏହି ଟିପ୍ପଣୀର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା।

## ସ୍ୱାମୀଙ୍କୁ ମାରି ସ୍ତ୍ରୀର ଆତ୍ମସମର୍ପଣ

ଯାଜପୁର ୦୩।୦୩ ନ୍ୟୁଜ ବ୍ୟୁରୋ

ସ୍ତ୍ରୀ ପୋଛିଦେଲା ନିଜ ମଥାର ସିନ୍ଦୁର । ସ୍ୱାମୀକୁ ହତ୍ୟା କରି ମାଟିରେ ପୋତିଦେଲା ସ୍ତ୍ରୀ । ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ସଂସାଇଲୋ ପଞ୍ଚାୟତ ଡୁବିଖାଲ ଗାଁରୁ ପାରିବାରିକ କଳହରୁ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଡୁବିଖାଲ ଗାଁର ମୋରା ଦେଓଗମ୍‌ଙ୍କ ଝିଅ ଗୁମାରୀ ମୁଣ୍ଡା ନିଜ ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ପାରିବାରିକ ବିବାଦରୁ ହତ୍ୟା କରିଥିଲେ । ଏହାପରେ ନିଜ ବାଡ଼ି ପଛପଟେ ପୋତି ଦେଇଥିଲେ । ହତ୍ୟା ପରେ ଅଭିଯୁକ୍ତ ପତ୍ନୀ ସୁକିନ୍ଦା ଥାନାରେ ଆତ୍ମସମର୍ପଣ କରିବା ସହ ସେ ନିଜେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଏହାସହ ସୋମବାର ଦିନ ସାଇଣ୍ଟିଫିକ୍ ଟିମ୍‌ର ଉପସ୍ଥିତିରେ ମାଟି ତଳେ ପୋତା ହୋଇଥିବା ମୃତଦେହକୁ ଉଦ୍ଧାର କରାଯିବା ନେଇ ସୂଚନା ମିଳିଛି । ମାଟିତଳୁ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ମେଡିକାଲକୁ ମଧ୍ୟ ପଠାଯିବାର ସୂଚନା ମିଳିଛି ।

## ବିଦେଶିନୀଙ୍କ ଜଙ୍ଘରେ ଶ୍ରୀଜଗନ୍ନାଥଙ୍କ ଟାଟୁ ଘଟଣାରେ ଦୁଇଜଣଙ୍କୁ ବାନ୍ଧିଲା ପୋଲିସ୍

ଭୁବନେଶ୍ୱର, ୩/୩ ନ୍ୟୁଜ ବ୍ୟୁରୋ

ବିଦେଶିନୀଙ୍କ ଜଂଘରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାଟୁ ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ବିଦେଶିନୀଙ୍କ ଜଂଘରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାଟୁକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଚିତ୍ରକୁ ଶରୀରର ଏଭଳି ସ୍ଥାନରେ ଟାଟୁ କରିବାକୁ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଏନେଇ ହିନ୍ଦୁ ସେନା ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲା । ସୂଚନା ମୁତାବକ, ଭୁବନେଶ୍ୱରର ଏକ ଟାଟୁ ସେଣ୍ଟରରେ ଏଭଳି ଟାଟୁ କରାଇଥିଲେ ଜଣେ ବିଦେଶୀ ମହିଳା।



ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ମହିଳା ଜଣକ ଏହାକୁ ଅପଲୋଡ୍ କରିବା ପରେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ତେବେ ଏହାପରେ ସହିଦ ନଗରର ସମ୍ପୃକ୍ତ ଟାଟୁ ଦୋକାନ ମାଲିକ ଓ ଟାଟୁ ଆଙ୍କିଥିବା ବ୍ୟକ୍ତିଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି । ଧର୍ମୀୟ ଭାବନା କୁଠାରଘାତ ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିଛି । ଅନ୍ୟପଟେ ଟାଟୁ ଦୋକାନ ମାଲିକ ଓ ବିଦେଶିନୀ ଏହି ଘଟଣାରେ କ୍ଷମା ମାଗିଛନ୍ତି । ଘଟଣାକୁ ନେଇ ହିନ୍ଦୁ ସେନାର କର୍ମକର୍ତ୍ତା କହିଛନ୍ତି, ଜଣେ ବିଦେଶିନୀ ଜଂଘରେ ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଙ୍କ ଚିତ୍ର କରିଛନ୍ତି । ଏହାକୁ ଆମେ ବିରୋଧ କରୁଛୁ । ଏନେଇ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି ।

### ଓଡ଼ିଶା ମାନବାଧିକାର କମିଶନରେ 'ମୋ ବସ୍' ମାମଲା

## ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ଓଏଚ୍ଆରସି

ଭୁବନେଶ୍ୱର, ୩/୩ ନ୍ୟୁଜ ବ୍ୟୁରୋ

ଓଡ଼ିଶା ମାନବାଧିକାର କମିଶନରେ ପହଞ୍ଚିଲା 'ମୋ ବସ୍' ମାମଲା । ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ମୋ ବସ୍ ଦୁର୍ଘଟଣା ଘଟାଇ ଚାଲିଛି । ଗତ ମାସ ୪ ତାରିଖରେ ନନ୍ଦନକାନନ ରଘୁନାଥପୁରରେ ମୋ ବସ୍ ଧକ୍କାରେ ଜଣେ ସ୍କୁଲ ପିଲାର ମୃତ୍ୟୁ ଘଟିଥିଲା । ୧୨ ବର୍ଷୀୟ ନାବାଳିକା କୁନି ଜୁଆଡ଼ି ସାଇକେଲରେ ସ୍କୁଲ ଯାଉଥିବା ବେଳେ ଧକ୍କା ଦେଇଥିଲା ମୋ ବସ୍ । ଦୁର୍ଘଟଣାରେ କୁନି ଜୁଆଡ଼ିର ମୃତ୍ୟୁ ହୋଇଥିଲା । ମୋ ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଆଇନଜୀବୀ ପ୍ରବୀର ଦାସ ଓଡ଼ିଶା ମାନବାଧିକାର କମିଶନରେ ମାମଲା ରୁଜୁ କରିଛନ୍ତି । ଏହାର ତଦନ୍ତ କରି ରିପୋର୍ଟ ଦେବାକୁ 'କ୍ରୁଟ୍'କୁ ନିର୍ଦ୍ଦେଶ ଦେଇଛନ୍ତି ଓଏଚଆରସି ଅଧ୍ୟକ୍ଷ। ଆସନ୍ତା ମେ' ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୂଚନା ମିଳିଛି।

## ନବଦାସ ହତ୍ୟାକାଣ୍ଡ ମାମଲାରେ ସମୟ ମାଗିଲେ ଦୀପାଳି ଓ ବିଶାଳ

ଭୁବନେଶ୍ୱର, ୩/୩ ନ୍ୟୁଜ ବ୍ୟୁରୋ

ନବଦାସ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଞ୍ଚରେ ସୋମବାର ହାଜର ହେଲେ ନାହିଁ ଦୀପାଳି ଓ ବିଶାଳ। ସମୟ ମାଗିଲେ ବିଶାଳ । ପାରିବାରିକ ସମସ୍ୟା ଯୋଗୁଁ କ୍ରାଇମବ୍ରାଞ୍ଚ ଆସିବେ ନାହିଁ ବୋଲି ଅବଗତ କଲେ । ଏହା ସହ କ୍ରାଇମବ୍ରାଞ୍ଚରେ ହାଜର ନହୋଇ ବରଂ ତାଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍ ଆସି ବୟାନ ରେକର୍ଡ କରୁ ବୋଲି କ୍ରାଇମବ୍ରାଞ୍ଚକୁ ନିବେଦନ କରିଛନ୍ତି ବିଶାଳ। କ୍ରାଇମବ୍ରାଞ୍ଚ କେବେ ବୟାନ ରେକର୍ଡ କରିବ ସେନେଇ ସେ ସମୟ କହିବେ ବୋଲି କହିଛନ୍ତି ବିଶାଳ । କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । କ୍ରାଇମବ୍ରାଞ୍ଚରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣେଇବା ପାଇଁ ଉଭୟଙ୍କୁ ନୋଟିସ କରିଥିଲା କ୍ରାଇମବ୍ରାଞ୍ଚ। ପୋଲିସ ଲଗାଇ ବାପାଙ୍କ ହତ୍ୟା କରାଯାଇଥିବା ଓ ସିବିଆଇ ତଦନ୍ତ ଚାହୁଁଥିବା ସମ୍ପର୍କରେ ବିଶାଳ ଓ ଦୀପାଳି ଦାସଙ୍କୁ ନୋଟିସ ଜାରି ହୋଇଥିଲା । ସୋମବାର ହାଜର ହେବାକୁ କୁହାଯାଇଥିଲେ ବି ଦୁହେଁ ହାଜର ହେଲେ ନାହିଁ। କ୍ରାଇମବ୍ରାଞ୍ଚ ତଦନ୍ତ ନେଇ କିଛି ଆପତ୍ତି ଥିଲେ ଜଣାଇପାରିବେ । ହତ୍ୟାକାଣ୍ଡ ସମ୍ପର୍କରେ କିଛି ନୂଆ ତଥ୍ୟ ଥିଲେ ଜଣାଇପାରିବେ ବୋଲି ଦୀପାଳି ଏବଂ ବିଶାଳଙ୍କୁ କୁହାଯାଇଥିଲା। ପୋଲିସ ଲଗାଇ ବାପାଙ୍କୁ ହତ୍ୟା କରାଯାଇଥିବା ଓ ସିବିଆଇ ତଦନ୍ତ ଚାହୁଁଥିବା କଥା ଦୀପାଳି କହିବା ପରେ ଲିଖିତ ଭାବେ ଜଣାଇବାକୁ କହିଥିଲେ ଆଇନମନ୍ତ୍ରୀ। ଏପରିକି ବାପାଙ୍କ ଶ୍ରାଦ୍ଧ ଦିବସରେ ଦୀପାଳି କହିଥିଲେ ପରିବାର ସହ ବିଚାର ବିମର୍ଷ ଚାଲିଛି, ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ସିବିଆଇ ତଦନ୍ତ ପାଇଁ ଜଣାଇବୁ । କିନ୍ତୁ ମାସାଧିକ କାଳ ବିତିଥିଲେ ବି ଦୀପାଳି କାହିଁକି ଲିଖିତ ଭାବେ ଜଣାଉ ନାହାନ୍ତି ତାକୁ ପ୍ରଶ୍ନ ଉଠିଥିବା ବେଳେ ପ୍ରଦୀପ ପୁରୋହିତଙ୍କ ବୟାନ ଘଟଣାକୁ ଅଧିକ ରୋଚକ କରିଛି । ତେବେ ଦେଖିବାର କଥା ମଙ୍ଗଳବାର ଦୀପାଳି ଓ ବିଶାଳ କ୍ରାଇମବ୍ରାଞ୍ଚ ସାମ୍ନାରେ ପୂର୍ବରୁ ହୋଇଥିବା ତଦନ୍ତ ନେଇ ଆପତ୍ତି ଉଠାଉଛନ୍ତି ନା ପୂର୍ବ ତଦନ୍ତରେ ହଁ ଭରି ମାମଲା ବନ୍ଦ କରିବାର ରାସ୍ତା ଖୋଲି ଦେଉଛନ୍ତି ?

## ତାଳଚେର ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢୁଛି

ଅନୁଗୋଳ, ୩/୩ ନ୍ୟୁଜ ବ୍ୟୁରୋ

ଶିଳ୍ପ ବହୁଳ ଅନୁଗୋଳ ଜିଲ୍ଲା ତାଳଚେର ସହରରେ ଧଳା ଜହର (ବ୍ରାଉନସୁଗାର)ର ବ୍ୟବସାୟ ବଢିବାରେ ଲାଗିଛି । ଖଣି ଅଞ୍ଚଳର ରହୁଥିବା ଯୁବପିଢ଼ିକୁ ନିଶାଶକ୍ତ କରିବା ପାଇଁ ବାହାର ରାଜ୍ୟରୁ ବ୍ରାଉନ ସୁଗାର ଆଣି ଏଠି ବିକ୍ରି କରାଯାଉଛି । ଗତ ୬ ମାସ ଭିତରେ ତାଳଚେର ଅବକାରୀ ବିଭାଗ ବିଭିନ୍ନ ଅଞ୍ଚଳରେ ଚଢଉ କରି ପାଖାପାଖି ୩ ଶହ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରିଛି । କୋଲକାତାରୁ ଭାୟା- ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଭୁବନ ଦେଇ ଅନୁଗୋଳ ଜିଲ୍ଲାକୁ ଆସୁଛି ବ୍ରାଉନସୁଗାର। ତାଳଚେରର ପାର୍କ, ପଡ଼ିଆ, ନଦୀ ପଠା, ଭଙ୍ଗାଘର ଆଦି ସ୍ଥାନ ଗୁଡ଼ିକରେ ଏହାର ଡିଲ୍ ହେଉଛି । ବିଶେଷ କରି, କଲେଜ ପଢୁଆ ପିଲା ଏ ନିଶା ପ୍ରତି ଅଧିକ ଆକୃଷ୍ଟ ହେବାରେ ଲାଗିଛନ୍ତି । ଅବକାରୀ ଓ ପୋଲିସ ବାରମ୍ବାର ଚଢଉ କରିବା ସତ୍ତ୍ୱେ, ବେପାର କମ୍ ହେଉନି । ବ୍ରାଉନ ସୁଗାର ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି । ଦିନକୁ ଦିନ ବ୍ରାଉନ ସୁଗାର କାରବାର ବଢ଼ି ବଢ଼ି ଚାଲିଥିବାବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

### ଅନ୍ଧ ବିଶ୍ୱାସର କରୁଣ ପରିଣତି

## ମାସକର ଅସୁସ୍ଥ ଶିଶୁ ଦେହରେ ୪୦ରୁ ଉର୍ଦ୍ଧ୍ୱ ଚେଙ୍କ





ଉମରକୋଟ ୦୩/୦୩ ନ୍ୟୁଜ ବ୍ୟୁରୋ

ଅନ୍ଧ ବିଶ୍ୱାସର କରୁଣ ପରିଣତି । ମଣିଷ ଭୁଲିଗଲା ମାନବିକତା । ମାସକର ଶିଶୁକୁ ଦେଲେ ୪୦ ଚେଙ୍କ । ଛୁଆର ଦେହରେ ଦିଆଯାଇଛି ୪୦ ରୁ ଉର୍ଦ୍ଧ୍ୱ ଜାଗାରେ ଚେଙ୍କ । ବର୍ତ୍ତମାନ ଛୁଆଟି ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଠାରେ । ସୂଚନା ଥାଉକି ଚନ୍ଦାହାଣ୍ଡି ବ୍ଲକର ଗମ୍ଭାରୀଗୁଡା ପଞ୍ଚାୟତର ଫୁଣ୍ଡେଲପଡା ଗ୍ରାମର ସରୋଜ କୁମାର ନାୟକଙ୍କ ୧ ମାସର ପୁଅର ପେଟ ଓ ମୁଣ୍ଡରେ ୪୦ରୁ ଉର୍ଦ୍ଧ୍ୱ ଚେଙ୍କ ଦିଆଯାଇଛି । ପିଲାଟିକୁ ଦେଖିଲେ ଜଣାପଡୁଛି ଯେ ଛୁଆଟିର ପେଟରେ ଆଉ ଖାଲି ସ୍ଥାନ ଦେଖିବାକୁ ମିଳୁନାହିଁ । ମିଳିଥିବା ସୂଚନା ଅନୁସାରେ ପିଲାଟି ଜନ୍ମ ହେବାର ୧୦ ଦିନ ପରେ ଦେହ ଅସୁସ୍ଥ ହୋଇ ବାରମ୍ବାର କାନ୍ଦୁଥିଲା । ତେବେ ଏହା ଦେଖିକି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଅନ୍ୟ କାହାର କଥାରେ ପଡି ପିଲାଟିର ପେଟ ଓ ମୁଣ୍ଡରେ ୪୦ରୁ ଉର୍ଦ୍ଧ୍ୱ ଚେଙ୍କ ଦିଆଯାଇଛି । ତେବେ ପରିବାର ଲୋକ କହିବା ଅନୁଯାୟୀ ଚେଙ୍କ ମାରିବା ପରେ କିଛି ଦିନ ଛୁଆଟି ଆଉ କାନ୍ଦିନଥିଲା । କିନ୍ତୁ ବର୍ତ୍ତମାନ ଦୁଇ ଦିନ ହେଲା ଛୁଆଟି ଚେଙ୍କର ଯନ୍ତ୍ରଣା ସମ୍ଭାଳି ନପାରି କାନ୍ଦିବା ଆରମ୍ଭ କରିଥିଲା । ଅନ୍ୟପଟେ ଛୁଆଟିର କାନ୍ଦ ଦେଖି ପରିବାର ଲୋକେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଚିକିତ୍ସା ଜାରି ରଖିଛନ୍ତି । ଅନ୍ୟପଟେ କେଉଁ ପରିସ୍ଥିତିରେ ପିଲାଟିକୁ କିଏ ଚେଙ୍କ ଦେଲା ସେ ବିଷୟରେ କ୍ୟାମେରା ସମ୍ମୁଖରେ କିଛି କହିବାକୁ ରାଜି ହେଉ ନାହାଁନ୍ତି ପରିବାର ଲୋକେ ।

## ସାଲିଆସାହିରେ ଯିବ ୨୦୦ ଫୁଟିଆ ରାସ୍ତା:ମାର୍ଚ୍ଚ ୧୫ ସୁଦ୍ଧା ୨୭ ଘରୋଇ ଜମି ଦଖଲ ହେବ

ଭୁବନେଶ୍ୱର, ୩/୩ ନ୍ୟୁଜ ବ୍ୟୁରୋ

ଜୟଦେବବିହାର-ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ସାଲିଆସାହି ଭିତର ଦେଇ ହିଁ ଯିବ। ଏହି ୨୦୦ ଫୁଟିଆ ରାସ୍ତା ନକ୍ସାରେ କୌଣସି ପରିବର୍ତ୍ତନ ହେବ ନାହିଁ। ପ୍ରଭାବିତ ହେବାକୁ ଥିବା ୨୭ଟି ଘରୋଇ ଜମି ମାଲିକଙ୍କୁ କ୍ଷତିପୂରଣ ବାବଦରେ ଶହେ କୋଟିରୁ ଅଧିକ ଟଙ୍କା ଦିଆଯିବ। ସାଲିଆସାହିରେ ପ୍ରଭାବିତ ହେବାକୁ ଥିବା ବସ୍ତିବାସିନ୍ଦାଙ୍କୁ କ୍ଷତିପୂରଣ ସହ ଥଇଥାନ କରାଯିବ। ବିଡିଏ, ବିଏମ୍‌ସି ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ଏଦିଗରେ କାର୍ଯ୍ୟ କରିବେ। ଉଚ୍ଛେଦ ହେବାକୁ ଥିବା ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ବିଏମ୍‌ସି ରୂପରେଖ ପ୍ରସ୍ତୁତ କରିବ। ବିଡିଏ ଓ ବିଏମ୍‌ସି ମିଳିତ ଭାବେ ରାସ୍ତା ପାଇଁ ଆବଶ୍ୟକୀୟ ଜମିରୁ ଉଚ୍ଛେଦ କରିବା ପରେ ପୂର୍ତ୍ତ ବିଭାଗ ରାସ୍ତା କାମ ଆରମ୍ଭ କରିବ। ବିଡିଏ ଉପାଧ୍ୟକ୍ଷ ଏନ୍. ଥିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ



୨୦୦ ଫୁଟିଆ ରାସ୍ତା କାମ ସମ୍ପର୍କରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏକାମ୍ରକାନନ ଛକରୁ ହତିଆସୁଣି ପଡ଼ିଆ ମଧ୍ୟରେ ସାଲିଆସାହି ଭିତରେ ୮୭୭ ମିଟର କାମ ଆଗେଇପାରୁ ନାହିଁ। ବସ୍ତିବାସିନ୍ଦାଙ୍କ ପ୍ରବଳ ବିରୋଧ ଯୋଗୁଁ ଦୁଇ ବର୍ଷ ହେଲା ଏହି କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାସ୍ତାରେ ଥିବା ୨୭ଟି ଘରୋଇ ଜମି ମଧ୍ୟରୁ ୪ଟିର ପଞ୍ଜୀକରଣ ଇତିମଧ୍ୟରେ ଶେଷ ହୋଇଛି। ବାକି ରହିଥିବା ୨୩ଟି ଘରୋଇ ଜମି ଦଖଲ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାର୍ଚ୍ଚ ୧୫ ସୁଦ୍ଧା ଘରୋଇ ଜମି ପଞ୍ଜୀକରଣ ଶେଷ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଜମି ମିଳିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଘରୋଇ ଜମି ଥିବା ୨୫୦ ମିଟର ରାସ୍ତା କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସାଲିଆସାହି ଜମି ହାତେଇବା ପୂର୍ବରୁ ପ୍ରଥମେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ। ତା'ପରେ ଯାଇ ବସ୍ତି ଭିତରେ ରାସ୍ତା କାମ ଆରମ୍ଭ ହେବ। ତେବେ ବସ୍ତିବାସିନ୍ଦାଙ୍କୁ କେଉଁଠାରେ ଓ କେବେ ସୁଦ୍ଧା ଥଇଥାନ କରାଯିବ ସେନେଇ ବିଏମ୍‌ସି ଓ ବିଡିଏ ପଦକ୍ଷେପ ନେବେ। ରାସ୍ତା ଯିବାକୁ ଥିବା ଅଞ୍ଚଳରେ ଶତାଧିକ ପରିବାର ପ୍ରଭାବିତ ହେବାକୁ ଥିବାରୁ ସେମାନଙ୍କୁ ଆବାସ ଗୃହରେ ଥଇଥାନ କରିବାକୁ ଯୋଜନା ହୋଇଛି। ନିକଟରେ ଆଉ କୌଣସି ଖାଲି ସ୍ଥାନ ନ ଥିବାରୁ ସେଠାରେ ଘର କରି ଯୋଗାଇବା ସମ୍ଭବପର ନୁହେଁ। ତେଣୁ ବୁଦ୍ଧବିହାର ଆବାସରେ ନିର୍ମାଣ ସରିଥିବା ଘରଗୁଡ଼ିକରେ ଉଚ୍ଛେଦ ହେବାକୁ ଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇପାରେ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ତେବେ ବିଡିଏ ଓ ବିଏମ୍‌ସିର ଅଧିକାରୀମାନେ ଏଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ଅନ୍ୟପକ୍ଷରେ ସାଲିଆସାହିରେ ପଶିବା ଏବେ ବି ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି। ମାସେ କି ବର୍ଷେ ନୁହେଁ, ୫ ବର୍ଷ ହେଲା ବସ୍ତିବାସିନ୍ଦା ଏହି ରାସ୍ତାକୁ ବିରୋଧ କରି ଚାଲିଛନ୍ତି। ସାଲିଆସାହିରେ ପ୍ରବେଶ କରିବାକୁ ପ୍ରଶାସନ ବାରମ୍ବାର କଳବଳ କୌଶଳ ପ୍ରୟୋଗ କରୁଥିଲେ ମଧ୍ୟ ସଫଳ ହୋଇପାରି ନାହିଁ। ବାରମ୍ବାର ପୁଲିସ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ଦୁଇ ବର୍ଷ ହେଲା ହାତିଆଶୁଣି ପଡ଼ିଆଠାରୁ ଗୋଟିଏ ମିଟର ବି ରାସ୍ତା ନିର୍ମାଣ ହୋଇପାରି ନାହିଁ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ବସ୍ତିବାସିନ୍ଦାଙ୍କ ସୁରକ୍ଷା, ଜମି ପଟ୍ଟା ପ୍ରଦାନ ପରି ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ ବସ୍ତିବାସିନ୍ଦାଙ୍କୁ କୌଣସି ପଟ୍ଟା ମିଳି ନାହିଁ। ଏବେ ବସ୍ତିବାସିନ୍ଦାଙ୍କୁ ଉଠାଇବାକୁ ପ୍ରଶାସନ ଯେଉଁ ଯୋଜନା କରିଛି ତାହା କେତେଦୂର ସଫଳ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।